## ରମେଶଗୁପ୍ତା ଫାଉଣ୍ଡେସନ ଏବଂ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ରକ୍ତଦାନ ଶିବିର

# 'ରକ୍ତଦାନ ଶିବିର ପ୍ରତ୍ୟେକ କାର୍ଯ୍ୟକ୍ରମର ଅଂଶ ହେଉ'










**ବାଲେଶ୍ୱର,୭ ।୩(ସମିସ)**

ସମାଜସେବା କ୍ଷେତ୍ରରେ ବାଲେଶ୍ୱର ମାଟିର ମହିଳାଙ୍କ ଅବଦାନ ସର୍ବାଗ୍ରେ ରହି ଆସିଥାଏ। ରକ୍ତଦାନ ଭଳି ମହତ କର୍ମରେ ମହିଳାମାନଙ୍କ ଯୋଗଦାନ ମଧ୍ୟ ଅତୁଳନୀୟ। ରକ୍ତଦାନ ଶିବିର ଆୟୋଜନ ହେଉ ଅବା ରକ୍ତଦାନ ଦ୍ୱାରା ଅମୂଲ୍ୟ ଜୀବନ ରକ୍ଷାର ବାର୍ତ୍ତାବହ ସାଜିଛନ୍ତି ମହିଳା। ଅର୍ନ୍ତଜାତୀୟ ମହିଳା ଦିବସ ଉପଲକ୍ଷେ ରମେଶ ଗୁପ୍ତା ଫାଉଣ୍ଡେସନ ଏବଂ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପରିବାର ପକ୍ଷରୁ ଆୟୋଜିତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ରକ୍ତଦାତାମାନେ ମହତ ଉଦ୍ଦେଶ୍ୟ ରଖି ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇ ଜଣେ ମହାନ ମଣିଷର ଉଦାହରଣ ସୃଷ୍ଟି କରୁଛନ୍ତି । 'ସକାଳ' କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିର ଉଦ୍‌ଘାଟନୀ ଅବସରରେ ଅତିଥିମାନେ ମତପୋଷଣ କରିଥିଲେ।

ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ, ଆରଜି ଫାଉଣ୍ଡେସନର ଅଧ୍ୟକ୍ଷ ରମେଶ କୁମାର ଗୁପ୍ତା ଏବଂ ଉପାଧ୍ୟକ୍ଷା ସଂଗୀତା ଗୁପ୍ତା, ଶିଳ୍ପପତି ସଞ୍ଜୟ କୁମାର ଦାସ, ଶିକ୍ଷାବିତ ତଥା ଆଇନଜୀବୀ ସତ୍ୟଜିତ ମିଶ୍ର, ଲାୟନ୍ସ କ୍ଲବର ସଭାପତି ଶିବୁ ପୋଦାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଯଦି ପ୍ରତ୍ୟେକ ସାମାଜିକ, ସାଂସ୍କୃତିକ ଆଦି କାର୍ଯ୍ୟକ୍ରମରେ ରକ୍ତଦାନ ଶିବିରକୁ ଏକ ଅଂଶ ଭାବେ ନିଆଯିବ ତେବେ ବାଲେଶ୍ୱରରେ ରକ୍ତର ଅଭାବ ରହିବ ନାହିଁ। ଅଧିକାଂଶ ସାମାଜିକ ସଙ୍ଗଠନ ରକ୍ତଦାନ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇ ଆସୁଥିବାରୁ ରକ୍ତର ଅଭାବ ରହୁନାହିଁ। ବିଶେଷ କରି ଖରା ଦିନରେ ରକ୍ତଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହେଉଥିବାରୁ ଛୋଟ ବଡ଼ ରକ୍ତଦାନ ଶିବିର ଆୟୋଜନ କରି ଏହାକୁ ଏକ ସାମାଜିକ ଆନ୍ଦୋଳନ ଭାବେ ଗଢ଼ି ତୋଳିବାକୁ ପଡ଼ିବ। ଏହାଛଡା ଥାଲାସେମିଆ ରୋଗୀ ସମେତ ଅନ୍ୟ ରୋଗୀମାନଙ୍କର ଜରୁରୀକାଳୀନ ରକ୍ତର ଆବଶ୍ୟକତା ରହୁଥିବାରୁ ସାମାଜିକ ସଙ୍ଗଠନମାନେ ସ୍ୱତଃପ୍ରବୃତ ଭାବେ ରକ୍ତଦାନ କରିବା ପାଇଁ ଆଗେଇ ଆସିବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି।

'ସକାଳ' ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରକ୍ତଦାନ ଶିବିର ନାରୀଶକ୍ତି ଏକତାର ପ୍ରତୀକ ବୋଲି କହିଥିଲେ। ଆନ୍ତର୍ଜାତିକ ମହିଳା ଦିବସକୁ ସ୍ୱତନ୍ତ୍ର ଭାବେ ଗଢ଼ି ତୋଳିବାରେ ମହିଳା ସାମ୍ବାଦିକା 'ସକାଳ' ବାଲେଶ୍ୱର ସହର ପ୍ରତିନିଧି ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତିଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ସମାଜସେବୀ ଆଶ୍ରିତା ତରେଇ, ଅନ୍ନପୂର୍ଣ୍ଣା ଫାଉଣ୍ଡେସନର କନଭେନର ତଥା ଆଇନଜୀବୀ ସବିତା ମିଶ୍ର, ଶୁଭଶ୍ରୀ ଆଚାର୍ଯ୍ୟ, ନିବେଦିତା ସାହୁ, ପ୍ରିୟାରାଣୀ ମଲ୍ଲିକ, ମୟୂରୀ ନାୟକ, ଏସଆରବି ସ୍ୱସ୍ତିକ ଫାଉଣ୍ଡେସନର ମୁଖ୍ୟ ସଂଯୁକ୍ତାରାଣୀ ବେହେରା, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ମୀନତି ସେଠୀ, ରୋଜି ପଟ୍ଟନାୟକ, ପାର୍ବତୀ ମଲ୍ଲିକ, ମିତାଲୀ ସିଂ, ରମ୍ୟାରଞ୍ଜନ ଗିରି ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ, ସୁଧାକର ସେଠୀ, ବିଭୂଦତ୍ତ ପରିଡା, ଶୁଭମ ସାଇ ମହାପାତ୍ର, ହ୍ରିତିକ ନାୟକ, ଜୀବନ ସଂଗ୍ରାମ ମିଶ୍ର, ବିଶ୍ୱଜିତ ବେହେରା, ଡା. ଶାନ୍ତନୁ ଦାଶ, ଇକବାଲ ଖାନ, ସାଇରୁଲ ହକ, ପ୍ରଶାନ୍ତ କୁମାର ଦାସ, ସତ୍ୟେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୩୧ଟି ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଜିଲ୍ଲା ରକ୍ତଭଣ୍ଡାରର ଟେକ୍ନିସିଆନ ଅକ୍ଷୟ କୁମାର ଜେନା, ସୁଚିସ୍ମିତା ଦାସ ଓ ବିନୋଦ ବିହାରୀ ଦାସ ପ୍ରମୁଖ ରକ୍ତ ସଂଗ୍ରହ କରଥିଲେ। 'ସକାଳ' ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ମନୋଜ କୁମାର ପଣ୍ଡା, ନନ୍ଦିଘୋଷ ଟିଭି ପ୍ରତିନିଧି ସୁବ୍ରତ କୁମାର ଦାସ, ବାଲେଶ୍ୱର ପ୍ରତିନିଧି କଳିଙ୍ଗ କୁମାର ସାହୁ, ସ୍ୱତନ୍ତ୍ର ପ୍ରତିନିଧି ରୁଚିକ ରଞ୍ଜନ ମହାପାତ୍ର, ଭିଡିଓ ଜର୍ଣ୍ଣାଲିଷ୍ଟ ଭବାନୀ ଶଙ୍କର ବେହେରା, ବାଲେଶ୍ୱର ସଂସ୍କରଣ ବିଜ୍ଞାପନ ବିଭାଗ ମୁଖ୍ୟ ଧୃତିସୁନ୍ଦର ପଣ୍ଡା, ପ୍ରସାରଣ ବିଭାଗ ମୁଖ୍ୟ ରବି ଚନ୍ଦ୍ର ବେହେରା, ବାଲେଶ୍ୱର ସଦର ପ୍ରତିନିଧି ହରିଶଙ୍କର ପାଣି, ରାଜଘାଟ ପ୍ରତିନିଧି ବସନ୍ତ କୁମାର ଭଦ୍ର, ଉମାକାନ୍ତ ମାଝୀ, ଅଫିସ ସହଯୋଗୀ ରମେଶ ଦାସଙ୍କ ସହ ଆଲଫା କନସଲଟାନ୍ସିର ଗଣେଶ ଚନ୍ଦ୍ର ପାଣି, ଦୀପକ କୁମାର ଦାସ ମହାପାତ୍ର, ସୁକାନ୍ତ ମଲ୍ଲିକ, ସୀତାକାନ୍ତ ମଲ୍ଲିକ, ଖଗେନ୍ଦ୍ର ସେଠୀ, ଜୟଚନ୍ଦ୍ର ଦାସ, ବ୍ରହ୍ମାନନ୍ଦ ବିଶୋଇ, ଅମଳେନ୍ଦୁ ଘୋଷ ପ୍ରମୁଖ ପରିଚାଳନା କରିଥିଲେ।










## ସ୍ୱେଚ୍ଛାକୃତ ରକ୍ତଦାତା

ପବିତ୍ର ମୋହନ ପଣ୍ଡା, ସୂର୍ଯ୍ୟକାନ୍ତ ସିଂ, ରାଜକିଶୋର ଦାସ, ବ୍ରହ୍ମାନନ୍ଦ ବିଶୋଇ, ସୁବ୍ରତ କୁମାର ଦାସ, ରଶ୍ମିରଞ୍ଜନ ପୃଷ୍ଟି, ମିତାଲୀ ସିଂ, ମୀନତି ସେଠୀ, ରମ୍ୟାରଞ୍ଜନ ଗିରି, ବିବେକାନନ୍ଦ ମହାନ୍ତ, ବହ୍ନିମାନ ରଥ, ସୌଭାଗ୍ୟ ମିଶ୍ର, ସରୋଜ ମିଶ୍ର, ରୋଜି ପଟ୍ଟନାୟକ, ସଂଯୁକ୍ତାରାଣୀ ବେହେରା, ସୌମ୍ୟରଞ୍ଜନ ମାଇତି, ବ୍ରିଜେଶ କୁମାର ଚୌଧୁରୀ, ଖଗେନ୍ଦ୍ର ସେଠୀ, ଜୟଚନ୍ଦ୍ର ଦାସ, ହରିଶଙ୍କର ପାଣି, ଅସୀମ ମହାପାତ୍ର, ସୁକାନ୍ତ ମଲ୍ଲିକ, ଉମାକାନ୍ତ ମାଝୀ, ପାର୍ବତୀ ମଲ୍ଲିକ, ଭବାନୀ ଶଙ୍କର ବେହେରା, କମଳଲୋଚନ ରାଉତ, ବିଜୟ ଅଧିକାରୀ, ରୁଚିକ ରଞ୍ଜନ ମହାପାତ୍ର, ଶଶିକାନ୍ତ ଦାସ, ବିଶ୍ୱରଞ୍ଜନ ପତି ଓ ରମେଶଚନ୍ଦ୍ର ଦାସ।

















## ● ଭାଷା ବିକାଶ ଭାଷାପକ୍ଷର ଦ୍ୱାଦଶ ଦିବସ

# ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସାହିତ୍ୟ ସନ୍ଧ୍ୟା

**ବାଲେଶ୍ୱର, ୭।୩ (ସମିସ):** ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଭାଷାପକ୍ଷ ଓ ପୁସ୍ତକମେଳାର ଦ୍ୱାଦଶ ଦିବସରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କୁ ସମର୍ପିତ ସାହିତ୍ୟ ସନ୍ଧ୍ୟା କବି ଦୀପକ ବୋଷଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ଗବେଷଣାରତ ଛାତ୍ର ବବୁଲ କୁମାର ପ୍ରଧାନ ଓ କୁନ୍ତଳାକୁମାରୀ ମହିଳା ମହାବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ପ୍ରତୀଟୀ ନନ୍ଦ ଆଲୋଚକ ଭାବେ ଯୋଗଦେଇ ଡାକ୍ତର ନନ୍ଦଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ। ଗଳ୍ପ, ପ୍ରବନ୍ଧ ଓ କବିତା ସାଙ୍ଗକୁ ବିଭିନ୍ନ ଖବରକାଗଜରେ ଦୁଇଶହରୁ ଅଧିକ ସ୍ତମ୍ଭ ରଚନା କରି ସାମାଜିକ ଜୀବନରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିବା ଡାକ୍ତର ନନ୍ଦ ଏଯାବତ୍ ୩୫ରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିପାରିଛନ୍ତି ବୋଲି ବକ୍ତାଦ୍ୱୟ ପ୍ରକାଶ କରିଥିଲେ। ଅନୁଷ୍ଠାନ ଉପସଭାପତି ଗାଳ୍ପିକ ନିବାରଣ ଜେନା ଭାଷାପକ୍ଷର ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିବା ବେଳେ ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଡ. ତ୍ରିପାଠୀଙ୍କ ରଚିତ ତଥା ଡାକ୍ତର ନନ୍ଦଙ୍କ ଉପରେ ରଚିତ ଏକ ସଙ୍ଗୀତକୁ କଲ୍ୟାଣୀ ନନ୍ଦ ଗାନ କରିଥିଲେ। ସଂଗଠନ ସଂପାଦକ ତପନ ରାୟ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍ସର୍ଗ ବୃଦ୍ଧାଶ୍ରମରେ ଅନ୍ତର୍ଜାତୀୟ ମହିଳା ଦିବସ

**ବାଲେଶ୍ୱର, ୭।୩ (ସମିସ):** ବାଲିଆ କୁକୁଡ଼ାପଦା ଉତ୍ସର୍ଗ ବୃଦ୍ଧଶ୍ରମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅତିଥି ଭାବେ ଡ. ଭାଗବତ ପ୍ରସାଦ ଦାସ, ଡକ୍ଟର ସିନ୍ଧୁ ସେନ, ସମ୍ପାଦକ ବିକର୍ତ୍ତନ ନାୟକ, ପ୍ରଦୀପ କୁମାର ମିଶ୍ର, ସୁରଭି ପାଣି, ଅଭୟ କୁମାର ପାଣି, ପ୍ରଭାକର ସାହୁ, ଗିରିଶ ପରିଡ଼ା ଓ ଡ଼ାକ୍ତର ଶ୍ରୀନିବାସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସହ ସମ୍ପାଦିକା ସତ୍ୟଭାମା ମୁଦୁଲି ପ୍ରାକ୍ ସୂଚନା ଦେଇଥିବା ବେଳେ ସଭ୍ୟ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ବର୍ଗର ୬ ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମହିଳା ସୁସ୍ଥ ତ ସମାଜ ସୁସ୍ଥ

# ହ୍ୟାଣ୍ଡବଲ୍ ଗ୍ରାଉଣ୍ଡରେ ମହିଳା ଦିବସର ଉତ୍ସବ






କେନ୍ଦୁଝର,୭।୩(ସମିସ): ମହିଳାମାନଙ୍କ ସ୍ୱାସ୍ଥ୍ୟ, ସଶକ୍ତୀକରଣ ଏବଂ ନେତୃତ୍ୱକୁ ନୂତନ ଦିଶା ଦେବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ହ୍ୟାଣ୍ଡବଲ୍ ଗ୍ରାଉଣ୍ଡଠାରେ ୬ ମାର୍ଚ୍ଚରୁ ୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ତିନି ଦିନ ଧରି ଅନ୍ତର୍ଜାତୀୟ ମହିଳା ଦିବସ ବହୁ ଆଡ଼ମ୍ବରରେ ପାଳନ କରାଯାଉଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଉଦଘାଟନୀ ଦିବସରେ 'ତାଙ୍କ ଶରୀର, ତାଙ୍କ ଶକ୍ତି' ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଥମ ଦିନରେ ସାମୂହିକ ଯୋଗ ଶିବିରରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ମହିଳାମାନଙ୍କୁ ସୁସ୍ଥ ଜୀବନଶୈଳୀ ଆପଣେଇବା ପାଇଁ ଉତ୍ସାହିତ କରାଯାଇ ଜୁମ୍ବା, ଏରୋବିକ୍ସ, ପାରମ୍ପରିକ ନୃତ୍ୟ ଓ ଦେଶୀୟ କ୍ରୀଡ଼ା ପ୍ରଦର୍ଶିତ ହୋଇଥିଲା। ସୁସ୍ଥ ପରିବାର ଓ ସମାଜ ପାଇଁ ଜଣେ ମହିଳା ହେଉଛନ୍ତି ପରିବାରର ତଥା ସମଜର କେନ୍ଦ୍ରବିନ୍ଦୁ। ଯଦି ଜଣେ ମହିଳା ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରୁହନ୍ତି, ସେ କେବଳ ନିଜ ପାଇଁ ନୁହେଁ, ବରଂ ନିଜ ପରିବାର, ଗ୍ରାମ ଏବଂ ସମଗ୍ର ରାଷ୍ଟ୍ରର ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି। ଦ୍ୱିତୀୟ ଦିନରେ "ସଶକ୍ତ ମହିଳା, ସଶକ୍ତ ରାଷ୍ଟ୍ର' ବିଷୟବସ୍ତୁକୁ ଆଧାର କରି ମହିଳାମାନଙ୍କ ଆତ୍ମରକ୍ଷା କୌଶଳ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନେକ ସମୟରେ ମହିଳାମାନେ ରାସ୍ତାଘାଟରେ ଅସଦାଚରଣ ବା ଭୟର ସମ୍ମୁଖୀନ ହୁଅନ୍ତି। ଆତ୍ମରକ୍ଷା କୌଶଳ ସେମାଙ୍କୁ ନିର୍ଭୟରେ ପ୍ରତିବାଦ କରିବାର ଶକ୍ତି ଦେଇଥାଏ। ଏହା କେବଳ ଶାରୀରିକ ଶକ୍ତି ବଢ଼ାଏ ନାହିଁ, ବରଂ ଜରୁରିକାଳୀନ ପରିସ୍ଥିତିରେ କିପରି ଶାନ୍ତ ରହି ବୁଦ୍ଧି ପ୍ରୟୋଗ କରିବାକୁ ହେବ, ତାହା ଶିଖାଏ। ଯେତେବେଳେ ଜଣେ ମହିଳା ଜାଣନ୍ତି ଯେ ସେ ନିଜକୁ ରକ୍ଷା କରିବାକୁ ସକ୍ଷମ, ସେତେବେଳେ ସେ କୌଣସି ଭୟ ନଥାଇ ସ୍ୱାଧୀନ ଭାବେ ନିଜର ଶିକ୍ଷା ଓ ବୃତ୍ତି କ୍ଷେତ୍ରରେ ଆଗକୁ ବଢ଼ିପାରନ୍ତି। ଏହି ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ଆହ୍ୱାନର ଦୃଢ଼ ମୁକାବିଲା କରିବା ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଜୁଡୋ, ବକ୍ସିଂ, କରାଟେ ଏବଂ ମୁଆଇ ଥାଇ ଭଳି ସମରକଳାର ପ୍ରଶିକ୍ଷଣ ଓ ଚିତ୍ତାକର୍ଷକ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି ନେଇ ଏକ ସଚେତନତା ଶିବିର ଆୟୋଜନ ହୋଇଥିଲା। ଜିଲ୍ଲାର ବିଭିନ୍ନ ବର୍ଗର ମହିଳା, ଯୁବ ଗୋଷ୍ଠୀ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ମରଣାନ୍ତକ ଆକ୍ରମଣ ଓ ଲୁଟ୍

## ଗୁରୁତର ଅବସ୍ଥାରେ ଯୁବକ ଡାକ୍ତରଖାନାରେ ଭର୍ତ୍ତି



ଯୋଡ଼ା, ୭।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ଶୁକ୍ରବାର ସନ୍ଧ୍ୟା ସମୟରେ ମାର୍କେଟରୁ ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ହୋଇଛନ୍ତି ଯୋଡ଼ା ବନେଇକଳା ବସ୍ତିର ଦିଲୀପ ନାଏକ (୩୯)। ଏଥିସହ ତାଙ୍କଠାରୁ ମୋବାଇଲ ଏବଂ ଟଙ୍କା ଲୁଟି ଫେରାର ମାରିଛନ୍ତି ଦୁର୍ବୃତ୍ତ। ପୁଲିସ ଛାନଭିନ ଜାରି ରଖିଥିଲା ବେଳେ ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ଆକ୍ରମଣକାରୀଙ୍କ ଟେର ସୁଦ୍ଧା ପାଇପାରି ନାହିଁ। ଦିଲୀପ ସନ୍ଧ୍ୟା ପ୍ରାୟ ୮ଟାରେ ଘରୁ ବାହାରି ସହିଦ ନଗର ମାର୍କେଟ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କୁ ପାଇ ନ ଥିଲେ। ଶନିବାର ସକାଳେ ସ୍ଥାନୀୟ ଲୋକେ ଖବର ଦେବାରୁ ପରିବାର ଲୋକେ ତାଙ୍କୁ ଯୋଡ଼ା ପୋଷ୍ଟ ଅଫିସ ଗଳିରେ ଅଚେତ ଏବଂ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଟାଟା ମେଡିକାଲକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡାକ୍ତର ରେଫର କରିଛନ୍ତି। ଦିଲ୍ଲୀପଙ୍କ ମୁଣ୍ଡ ଏବଂ ଅଣ୍ଟାରେ ଆଘାତ ଦ୍ୱାରା ଶରୀରରୁ ଅତ୍ୟଧିକ ରକ୍ତ ଯିବାରୁ ତାଙ୍କୁ ଅକ୍ସିଜେନ ଦିଆଯାଇ ଆମ୍ବୁଲାନ୍ସ ମାଧ୍ୟମରେ ପଠାଯାଇଛି। ଏନେଇ ଥାନାରେ ପରିବାର ପକ୍ଷରୁ ଯୋଡ଼ା ଥାନାରେ ଏକ ଲୁଟ ଏବଂ ମରଣାନ୍ତକ ଆକ୍ରମଣର ଅଭିଯୋଗ କରିଥିବା ବେଳେ ପୁଲିସ ଏହାକୁ ନେଇ ତଦନ୍ତ ଆରମ୍ଭ କରିଛି।

# ମହୁଲିମଦ ଜବତ; ୪ ଗିରଫ



ହାଟଡ଼ିହୀ, ୭।୩(ସମିସ): ଆନନ୍ଦପୁର ଅବକାରୀ ରେଞ୍ଜ ଓ ହାଟଡିହୀ ଥାନା ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ନନ୍ଦିପଦା ଥାନା ଅନ୍ତର୍ଗତ ଓରାଳି, ଅଁରା ଅଞ୍ଚଳରେ ଚଢ଼ଉ କରି ୧୦,୮୦୦ ଲିଟର ବିଦେଶୀ ମଦ ଜବତ କରିବା ସହ ଉକ୍ତ ଗ୍ରାମର ମହେନ୍ଦ୍ର ଲେଙ୍କା, ଭିମସେନ ଯେନା, ସୁମନ୍ତ ମେଳା, ଅମୂଲ୍ୟ ଜେନାଙ୍କୁ ଗିରଫ କରିଛନ୍ତି। ଏନେଇ ୪ଟି ଅବକାରୀ ମାମଲା ରୁଜୁ ହୋଇଛି। ଉକ୍ତ ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ଓ ଅନ୍ୟ ଷ୍ଟାଫ୍ ସାମିଲ ଥିଲେ।

# ସରକାରୀ ଗାଡ଼ି ଟେଣ୍ଡରରେ ଚଞ୍ଚକତା

## ଛୁଟି ଦିନରେ ଲାଗୁଛି ଭଡାରେ

ଆନନ୍ଦପୁର,୭।୩ (ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପଦାଧିକାରୀଙ୍କ ପାଇଁ ବ୍ୟବହାର ହେଉଥିବା ଗାଡ଼ିଗୁଡିକର ଟେଣ୍ଡର ପ୍ରକ୍ରିୟାରେ ଚଞ୍ଚକତା ହେଉଥିବା ଅଭିଯୋଗ ହୋଇଛି ଏବଂ ଏହି ଗାଡିଗୁଡିକ ବିଭାଗୀୟ କାର୍ଯ୍ୟାଳୟରେ ରହିବା ପରିବର୍ତ୍ତେ ମାଲିକମାନଙ୍କ ନିୟନ୍ତ୍ରଣରେ ରହୁଥିବାରୁ ଛୁଟିଦିନଗୁଡିକରେ ଭଡ଼ାରେ ବ୍ୟବହାର ହେଉଥିବା ଗୁରୁତର ଅଭିଯୋଗ ହୋଇଛି। ଏହି ଭଡ଼ା ଗାଡ଼ି ପାଇଁ ଆବଶ୍ୟକୀୟ ସରକାରୀ ନୀତିନିୟମ ଥିଲେ ମଧ୍ୟ ବିଭାଗୀୟ କର୍ମଚାରୀମାନେ ଚଞ୍ଚକତା କରି ବାର୍ଷିକ ଲକ୍ଷାଧିକ ଟଙ୍କା ରାଜସ୍ୱ ଲୁଟି ନେଉଥିବା ଅଭିଯୋଗ ହୋଇଛି। ଏହି ଗାଡ଼ି ନିୟୋଜନ ପାଇଁ ପ୍ରତିବର୍ଷ ଟେଣ୍ଡର କରାଯିବାର ନିୟମ ଥିଲେ ମଧ୍ୟ କାଗଜପତ୍ରରେ ଚଞ୍ଚକତା କରାଯାଇ କେବଳ ନବୀକରଣ କରାଯାଉଥିବା ଅଭିଯୋଗ ହୋଇଛି। ଏପରି କାରବାରରେ ବିଭାଗୀୟ କର୍ମଚାରୀ ବିଭାଗୀୟ ଅଧିକାରୀଙ୍କୁ ପ୍ରଲୋଭିତ କରି ଗଳାବାଟରେ ଏପରି ଚଞ୍ଚକତା କରୁଥିବା ଗୁରୁତର ଅଭିଯୋଗ ହୋଇଛି। ଏଣୁ ଗାଡ଼ି ନିୟୋଜନ ପାଇଁ ସରକାରୀ ନୀତି ନିୟମ ଅନୁଯାୟୀ ପ୍ରତି ବର୍ଷ ଟେଣ୍ଡର ଆହ୍ୱାନ କରାଯିବା ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବା ଦିଗରେ କେନ୍ଦୁଝର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା



କେନ୍ଦୁଝର, ୭।୩(ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଅଧିକାର ଆଇନ-୨୦୦୫ର ସଠିକ୍ ଅନୁପାଳନ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଦିନିକିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା କଲେକ୍ଟୋରେଟ୍ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅଧିକାର ଆଇନର ଧାରା ୪ (୧) (ଖ) ଅନୁଯାୟୀ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ନିଜସ୍ୱ ତଥ୍ୟାବଳୀକୁ ସ୍ୱେଚ୍ଛାକୃତ ଭାବେ ସର୍ବସାଧାରଣରେ ପ୍ରକାଶ କରିବା ହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଭୁବନେଶ୍ୱରରୁ ଆସିଥିବା ବିଷୟ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ପ୍ରଶିକ୍ଷାର୍ଥୀଙ୍କୁ ନିମ୍ନଲିଖିତ ପ୍ରଶିକ୍ଷଣ ଦେଇଥିଲେ। ଅନ୍‌ଲାଇନ୍ ଆର୍‌ଟିଆଇ ପୋର୍ଟାଲ ଇ-ଆର୍‌ଟିଆଇ ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ପ୍ରଦାନ ସହ ସରକାରୀ ୱେବସାଇଟ୍‌ରେ ୧୭ଟି ବିଶିଷ୍ଟ ତଥ୍ୟାବଳୀର ନିୟମିତ ଅପଡେଟ୍ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଏବଂ ଆବେଦନ ଖାରଜ ହେଲେ ଅନୁସରଣ କରାଯାଉଥିବା ଆଇନଗତ ପ୍ରକ୍ରିୟା ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥରାଶିର ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ଆଲୋଚନା ହୋଇଥିଲା। ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବିଭାଗରୁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଜନସୂଚନା ଅଧିକାରୀ ଏବଂ ସହକାରୀ ଜନସୂଚନା ଅଧିକାରୀ ଅଂଶଗ୍ରହଣ କରିଥିଲେ। ସଚେତନତା ସୃଷ୍ଟି କରିବା ପାଇଁ ଉଚ୍ଚ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ଓଡ଼ିଆ ଓ ଇଂରାଜୀ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ମଦରଧର ମହାଳିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ, ନିଜାରତ ସନ୍ତୋଷ ଜେନା ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାତ୍ତ୍ୱିକଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଆନନ୍ଦପୁର, ୭।୩(ସମିସ): ସର୍ବଭାରତୀୟ ସିଭିଲ ସର୍ଭିସ ପରୀକ୍ଷା (ୟୁପିଏସ୍‌ସି) ରେ ଅଲ୍‌ଇଣ୍ଡିଆ ର୍‌ୟାଙ୍କ ୧୦୦ ହାସଲ କରିଥିବା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହିର ମେଧାବୀ ଛାତ୍ର ସାତ୍ତ୍ୱିକ ସତ୍ୟକାମ ଦେବତାଙ୍କୁ ପିତାମାତାଙ୍କ ସହ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସମ୍ବର୍ଦ୍ଧିତ କରିଛନ୍ତି। ସେ ଜଳକଲଙ୍ଗ ଗ୍ରାମର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଗୋସ୍ୱାମୀ ଗୋଲାମ ଦେବତାଙ୍କ ସୁପୁତ୍ର। ତାଙ୍କର ଏହି ଐତିହାସିକ ସଫଳତା ଆନନ୍ଦପୁର ଅଞ୍ଚଳ ସହ ସମଗ୍ର କେନ୍ଦୁଝର ଜିଲ୍ଲା ପାଇଁ ଗର୍ବର ବିଷୟ। ଶ୍ରୀ ସତ୍ୟକାମ ଦେବତା ଆଗାମୀ ଦିନରେ ଜନସେବାରେ ନିଜକୁ ସମର୍ପିତ କରି ଦେଶ ଓ ରାଜ୍ୟର ନାମକୁ ଆହୁରି ଉଜ୍ଜ୍ୱଳ କରନ୍ତୁ ବୋଲି ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ମହାସଭା ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ନହଙ୍ଗୀରେ ମେଳଣ ଉତ୍ସବକୁ ନେଇ ଉତ୍ତେଜନା



ଆନନ୍ଦପୁର, ୭।୩(ସମିସ): ରାମଚନ୍ଦ୍ରପୁର ଥାନା ନହଙ୍ଗୀ ଗ୍ରାମରେ ମେଳଣ ଉତ୍ସବକୁ ନେଇ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ରାତ୍ରି ପ୍ରାୟ ୧୨ଟା ପରେ ଗ୍ରାମରେ ମେଳଣ ଉତ୍ସବ ପାଳନ ହେଉଥିଲା। ଅନୁସୂଚିତ ଜାତିର କିଛି ଯୁବକ ଏହି ଉତ୍ସବକୁ ଉତ୍ସାହର ସହିତ ପାଳନ କରିବା ପାଇଁ ଗୋଟିଏ ଡିଜେ ବ୍ୟବସ୍ଥା କରିଥିଲେ। ଉତ୍ସବ ଚାଲିଥିବା ସମୟରେ ପୁଲିସ ଅଚାନକ ସେଠାରେ ପହଞ୍ଚି ଡିଜେ ଗାଡିକୁ ଜବତ କରି ନେଇଯାଇଥିବା ଅଭିଯୋଗ ହୋଇଛି। ପୁଲିସରୁ ଡିଜେ ବଜାଇବା ପାଇଁ କୌଣସି ଅନୁମତି ନିଆଯାଇ ନଥିଲା। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣା ପରେ ସେଠାରେ କିଛି ସମୟ ପାଇଁ ଉତେଜନାପୂର୍ଣ୍ଣ ପରିସ୍ଥିତି ଦେଖାଯାଇଥିଲା। ଗ୍ରାମବାସୀ ପ୍ରଶ୍ନ କରୁଛନ୍ତି ଯେ ଯଦି ଡିଜେ ପାଇଁ ଅନୁମତିପତ୍ର ଆବଶ୍ୟକ, ତେବେ ସମସ୍ତଙ୍କ ପାଇଁ ସମାନ ନିୟମ କାହିଁକି ପ୍ରୟୋଗ ହୋଇ ନଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଓ ଚର୍ଚ୍ଚା ବୃଦ୍ଧି ପାଇଛି। ପ୍ରଶାସନ ପକ୍ଷରୁ ଏହାର ସଠିକ୍ ତଦନ୍ତ କରି ସତ୍ୟ ଘଟଣାକୁ ସାମ୍ନାକୁ ଆଣିବା ପାଇଁ ସାଧାରଣ ଲୋକ ଦାବି କରୁଛନ୍ତି।

# ଟାଟା ଷ୍ଟିଲ୍ ପକ୍ଷରୁ ଯୋଡ଼ାରେ ୧୮୭ତମ ପ୍ରତିଷ୍ଠା ଦିବସ

ଯୋଡ଼ା, ୭।୩(ସମିସ): ଟାଟାଷ୍ଟିଲ୍‌ଓରମାଇନ୍ସଆଣ୍ଡକ୍ୱାରିଜ୍(ଓଏମ୍‌କ୍ୟୁ) ଡିଭିଜନ୍ ଯୋଡା ୟୁନିଟ୍ ପକ୍ଷରୁ ଜାମସେଦଜୀ ନୁସରୱାନଜୀ ଟାଟାଙ୍କ ୧୮୭ତମ ଜୟନ୍ତୀକୁ ପ୍ରତିଷ୍ଠା ଦିବସ ରୂପେ ପାଳନ କରାଯାଇଛି। ଏହି ଅବସରରେ ଟାଟା ଷ୍ଟିଲ୍ ଯୋଡାର ଚିଫ୍ ରାଜେଶ କୁମାର ଅନ୍ୟାନ୍ୟ ୟୁନିଟ୍ ମୁଖ୍ୟ, ଅଧିକାରୀ, କର୍ମଚାରୀ ଏବଂ ୟୁନିୟନ୍ ପ୍ରତିନିଧିଙ୍କ ସହ ମିଶି ଜେସିଓ ଅଫିସଠାରେ ଜେଏନ୍ ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଶ୍ରଦ୍ଧାଞ୍ଜଳି



ଅର୍ପଣ କରିଥିଲେ। ଏତଦବ୍ୟତୀତ, ଯୋଡା ଇଷ୍ଟ ଖଣି, ଖଣ୍ଡବନ୍ଧ ଖଣି, ଫେରୋ ପ୍ଲାଣ୍ଟ, ନୀଳାଚଳ ଖଣି, କଲମଙ୍ଗ ଏବଂ ଗନ୍ଧଲପଦା ପ୍ରୋଜେକ୍ଟ ଅଫିସ, ବିଲେଇପଦାସ୍ଥିତ ସ୍ପଞ୍ଜ ପ୍ଲାଣ୍ଟ ଏବଂ ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସର କର୍ମଚାରୀ ଓ ଅଧିକାରୀମାନଙ୍କ ଦ୍ୱାରା ମଧ୍ୟ ଏହି ଦୂରଦ୍ରଷ୍ଟାଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରାତଃ ସମୟରେ ସ୍କୁଲ ଛାତ୍ରଛାତ୍ରୀମାନେ ପ୍ରଭାତ ଫେରିରେ ଅଂଶଗ୍ରହଣ କରିଥିଲେ ଯାହା ଯୋଡା ୱେଷ୍ଟ କ୍ୟାମ୍ପରୁ ଆରମ୍ଭ ହୋଇ ଜେସିଓ ଅଫିସ୍‌ରେ ଶେଷ ହୋଇଥିଲା। ସେମାନେ ମଧ୍ୟ ଏହି କିମ୍ବଦନ୍ତୀ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ପରେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ରାଜେଶ କୁମାର, ଅନ୍ୟ ଅଧିକାରୀଗଣ, ମହିଳା ସମିତିର ସଦସ୍ୟବୃନ୍ଦ ଏବଂ ଟାଟା ଷ୍ଟିଲ୍ ହସ୍ପିଟାଲ୍ ଯୋଡାର ଅଧିକାରୀମାନଙ୍କ ଦ୍ୱାରା ରୋଗୀମାନଙ୍କୁ ଫଳ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। ଏହି ଦିବସକୁ ଆହୁରି ଉତ୍ସବମୁଖର କରିବା ଲାଗି କର୍ମଚାରୀମାନଙ୍କ ପାଇଁ ସ୍ଥାନୀୟ କେନ୍ଦ୍ରୀୟ ଖେଳ ପଡିଆରେ ବିଭିନ୍ନ କୌତୁକ କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଷରେ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାବ୍ୟତୀତ ଯୋଡା ସହରରେ ଥିବା ସାର ଦୋରାବଜୀ ଟାଟା ବଟାନିକାଲ୍ ପାର୍କ, ସେଣ୍ଟନାରି ପାର୍କ, ରେନୱାଟର ହାର୍ଭେଷ୍ଟିଂ ପାର୍କକୁ ରଙ୍ଗ ବେରଙ୍ଗ ଆଲୋକମାଳାରେ ଆଲୋକିତ କରାଯାଇଥିଲା। ଲୋକମାନେ ପରିବାର ବର୍ଗଙ୍କ ସହ ବୁଲି ଏହି ସାଜସଜ୍ଜାକୁ ମନଭରି ଉପଭୋଗ କରିଥିଲେ।

# ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ




ଆନନ୍ଦପୁର, ୭।୩ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନାଇଜରର ପୋଷ୍ଟ ଡକ୍ଟରାଲ ଫେଲୋ ଡକ୍ଟର ପ୍ରଦୀପ୍ତ କୁମାର ବେହେରା ମୁଖ୍ୟବକ୍ତା ଭାବେ ନାନୋ ମ୍ୟାଟେରିଆଲ ଓ ତାର ପ୍ରୟୋଗ ଏବଂ କେମବ୍ରିଜ୍ ବିଶ୍ୱବିଦ୍ୟାଳୟର ପୋଷ୍ଟ ଡକ୍ଟରାଲ୍ ଫେଲୋ ଡକ୍ଟର ଦେବାଶିଷ ତ୍ରିପାଠୀ ଏନର୍ଜି ଷ୍ଟୋରେଜ ଡିଭାଇସ୍ ଉପରେ ଆଲୋଚନା କରିଥିଲେ। ଧନଞ୍ଜୟ ରାଉତ ସଂଯୋଜନା କରିଥିବା ବେଳେ ଡକ୍ଟର ଉତ୍ତମ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରିତମ ପ୍ରିୟଦର୍ଶୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ବୁଲେଟିନ ଦି କ୍ୱେଷ୍ଟକୁ ଅତିଥିମାନେ ଉନ୍ମୋଚନ୍ କରିଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା, ବିଜୟ କୁମାର ସାହୁ, ବିଶ୍ୱରଂଜନ ସାହୁ, ବିଶ୍ୱଜିତ ରାଉତ, ଦିବ୍ୟରଞ୍ଜନ ସାହୁ, ନରେଶ ସାହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# କାଶୀବେଡ଼ାରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ



ଆନନ୍ଦପୁର, ୭।୩(ସମିସ): ଘସିପୁରା ବ୍ଲକ ଗୋହିରା ପଞ୍ଚାୟତ କାଶୀବେଡାରେ ବାବା ତିଲକା ୟୁଥ ଆସୋସିଏସନ ଆନୁକୂଲ୍ୟରେ ୩ୟ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ କେନ୍ଦୁଝରର ଦିଗପସି ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଢେଙ୍କାନାଳର ରଙ୍ଗିଲା ପାହାଡ଼ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଆସନ୍ତାକାଲି ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ଖେଳକୁ କ୍ଲବର ସଭାପତି ଭଗବାନ ଟୁଡୁ, ସମ୍ପାଦକ ଫଗୁରାମ ହାଁସଦା ସଦସ୍ୟ କାଳନ୍ଦୀ ଟୁଡୁ, ବୀର ମାରାଣ୍ଡିସାଇବା ମୁର୍ମୁ, ଧରମା ମୁର୍ମୁ, ପାଣ୍ଡବ ମୁର୍ମୁ, ରାମ ମୁର୍ମୁ, କୁନି ମୁଣ୍ଡା, ରାମଚନ୍ଦ୍ର ମୁଣ୍ଡା, ଶିବନାଥ ମୁଣ୍ଡା, ହେମନ୍ତ ଟୁଡୁ ପ୍ରମୁଖ ପରିଚାଳନା କରିଥିଲେ।

# ନାହିଁ ଶୀତଳ ଭଣ୍ଡାର; ଟମାଟୋ ଚାଷ କରି ଚିନ୍ତାରେ ଚାଷୀ

ଆନନ୍ଦପୁର, ୭।୩ (ସମିସ): ସରକାର ଚାଷ ଉପରେ ଗୁରୁତ୍ୱ ଦେଉଥିବା ଘୋଷଣା କରୁଥିବା ବେଳେ ପ୍ରକୃତପକ୍ଷେ ଏହା ଓଲଟା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ଦେଖାଯାଉଛି। ଏହି ଅଞ୍ଚଳରେ ପ୍ରତିବର୍ଷ ପ୍ରଚୁର ପରିମାଣର ଟମାଟୋ ଉତ୍ପାଦନ ହେଉଛି। ହେଲେ ଶୀତଳ ଭଣ୍ଡାର ଅଭାବରୁ ଗଚ୍ଛିତ ହୋଇପାରୁ ନାହିଁ। ଚାଷୀଙ୍କୁ ତୋଳିବା ମୂଲ୍ୟ ମିଳୁନାହିଁ। ଦର ଅତ୍ୟନ୍ତ କମ୍ ରହୁଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଚାଷୀମାନଙ୍କଠାରୁ ଟମାଟୋ ଟ୍ରେ (୩୦କେଜି)କୁ ମାତ୍ର ୬୦ ଟଙ୍କାରେ କିଣି ନେଉଛନ୍ତି ବେପାରୀ; ଯାହା କି କିଲୋ ପ୍ରତି ୨ ଟଙ୍କା ହିସାବରେ ଚାଷୀ ଶୋଷଣର ଶିକାର ହେଉଛନ୍ତି। ହାଟ ଓ ବଜାରରେ କେଜି ୧୦ ଟଙ୍କାରେ ବିକ୍ରି ହେଉଛି। ଏଭଳି ସ୍ଥିତିରେ ଋଣ କରି ଟମାଟୋ ଚାଷ କରିଥିବା ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ ପଦ୍ମପୁର ସମେତ ବାଉଁଶଗଡ଼, ଜଂଘାର, ବଳଦୁଆଁ, ଶାଳବଣି, ମୋଚିନ୍ଦା, ଷଡ଼ଙ୍ଗୀ, ହାତୀବନ୍ଧା, ପଞ୍ଚୁପଲ୍ଲୀ, ଅତାସାହି, ସରେଇଁ ଗ୍ରାମରେ ଶହଶହ ଏକର ଜମିରେ ଟମାଟୋ ଚାଷ ହୋଇଛି। ଚାଷୀମାନେ ଋଣ କରି ଚାଷ କରିଛନ୍ତି। ଏକର ପିଛା ୬୦ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିବେ ବୋଲି ଚାଷୀ ଲକ୍ଷ୍ୟ ରଖିଥିଲେ। ଅମଳ ସମୟରେ ଦର ବହୁତ ହ୍ରାସପାଉ ଥିବାରୁ ଚାଷୀମାନେ ନିରାଶ ହୋଇଛନ୍ତି। ୨୦ ଦିନ ତଳେ ଆନନ୍ଦପୁର, ଘସିପୁରା ବଜାରରେ ଟମାଟୋ କେଜି ୩୦ ଟଙ୍କାରେ ବିକ୍ରି ହେଉଥିଲା। ଏବେ ଦର ଖସି ୧୦ ଟଙ୍କାରେ ପହଞ୍ଚିଛି। ହାଟଗୁଡ଼ିକରେ



ଟମାଟୋକୁ କେହି ପଚାରୁ ନାହାନ୍ତି। ଦୁଇସପ୍ତାହ ହେବ ପ୍ରଚୁର ପରିମାଣର ଟମାଟୋ ଉତ୍ପାଦନ ହେଉଥିବାରୁ ୨୮/୩୦କେଜି ରହୁଥିବା ଟ୍ରେ ପିଛା ମାତ୍ର ୬୦ରୁ ୮୦ଟଙ୍କାରେ ବିକ୍ରି ହେଉଛି। ପ୍ରତିଦିନ ପଦ୍ମପୁରରୁ ଏକହଜାରରୁ ଅଧିକ ଟ୍ରେ ଟମାଟୋ ବିଭିନ୍ନ ସ୍ଥାନକୁ ଯାଉଛି। ତୋଳିବା ପାଇଁ ଟ୍ରେ ପିଛା କଟକ, କୁଆଖିଆ, ଯାଜପୁର, ଭଦ୍ରକ ଅଞ୍ଚଳରୁ ବେପାରୀମାନେ ଆସୁଛନ୍ତି। ଦର କମ୍ ଯୋଗୁଁ ଚାଷୀମାନେ ଓଜନ ନ କରି ଟମାଟୋ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ହାତୀବନ୍ଧା ଗ୍ରାମର ଚାଷୀମାନେ ଟମାଟୋ ତୋଳୁଯାଇଛି।

## କ୍ଷେତରେ ୨, ବଜାରରେ ୧୦ ଟଙ୍କା

ଶ୍ରମିକ ମଜୁରି ୩୦ରୁ ୩୫ଟଙ୍କା ପଡୁଥିବାରୁ ଚାଷୀମାନେ ବିପୁଳ କ୍ଷତି ସହୁଛନ୍ତି। ଦର କମ୍ ରହୁଥିବାରୁ ଚାଷ ବାବଦକୁ ଖର୍ଚ୍ଚ ହୋଇଥିବା ଟଙ୍କା ମିଳିବ କି ନାହିଁ ତାକୁ ନେଇ ଆଶଙ୍କା ରହିଛି ବୋଲି ପଦ୍ମପୁରର ଚାଷୀ ନାରାୟଣ ସାହୁ, କୋଦଣ୍ଡଧର ସାହୁ, ଲକ୍ଷ୍ମୀଧର ସାହୁ, ନବକିଶୋର ସାହୁ, ପାଗଳ ସେଠୀ ପ୍ରକାଶ କରିଛନ୍ତି। ଟମାଟୋ ନେବା ପାଇଁ ବାଲେଶ୍ୱର, ବିକ୍ରି ନ ହେବାରୁ ଟମାଟୋ ଟ୍ରେ ସବୁ ବିଲରେ ଖୋଲା ଆକାଶ ତଳେ ପଡ଼ିଛି। ଏ ସମ୍ପର୍କରେ ଚାଷୀ ନାରାୟଣ ଜେନା, ଶରତ କୁମାର ଜେନା, ରାମଚନ୍ଦ୍ର ଜେନା, ଇନ୍ଦ୍ରମଣି ଜେନା, କାଠିଆ ଖଟୁଆ, ଅଭୟ ଦାସ କହିଛନ୍ତି, ଶୀତଳ ଭଣ୍ଡାର ନଥିବାରୁ ଦର କମିଯାଉଛି। ଆଉ ୧୫/୨୦ ଦିନ ପରେ ଟମାଟୋ ଦର ପୁଣି ବଢ଼ିବ।

# ମରଣଯନ୍ତା ପାଲଟିଛି ସହରର ମୁଖଶାଳା

**ବାଲେଶ୍ୱର, ୭।୩ (ସମିସ):** ସହରର ପ୍ରବେଶ ପଥ ଏବେ ସାଧାରଣ ଜନତାଙ୍କ ପାଇଁ ମରଣଯନ୍ତା ପାଲଟିଛି। ଦୀର୍ଘ ମାସ ଧରି ରାସ୍ତା ମରାମତି ନ ହେବାରୁ ରାସ୍ତା ଶୋଚନୀୟ ଅବସ୍ଥାରେ ଥିବା ଅଭିଯୋଗ ହୋଇଛି। ଖାଲଖମା ଯୋଗୁଁ ଅନେକ ଦୁର୍ଘଟଣାର ଶିକାର ହେଉଛନ୍ତି। ହେଲେ ପ୍ରଶାସନର ନିଦ ଭାଙ୍ଗୁନି। ଅନ୍ୟପଟେ ପ୍ରତିଦିନ ରାସ୍ତାରେ ଖେଳାଯାଉଛି ରକ୍ତର ହୋଲି। ଆଜି ପୁଣି ଜଣେ ମହିଳା ଦୁର୍ଘଟଣାରେ ଗୁରୁତର ହେବା ପରେ ଉଗ୍ର ହୋଇଛି ଜନଅସନ୍ତୋଷ। କୁରୁଡ଼ାରେ ରାସ୍ତାରୋକ କରି ପ୍ରଶାସନ ବିରୋଧରେ ଗର୍ଜିଛନ୍ତି ସ୍ଥାନୀୟ ବାସିନ୍ଦା। ରାସ୍ତା ମଝିରେ ଜଳୁଛି ଟାୟାର ଜଳିବା ଦ୍ୱାରା ଯାତାୟାତରେ ବାଧାପ୍ରାପ୍ତ। ଯେଉଁଠି ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଶତାଧିକ ଲୋକ। ସହରର ମୁଖଶାଳା କୁହାଯାଉଥିବା ଏହି ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ପ୍ରତିଦିନ ଭଳି ଆଜି ମଧ୍ୟ ଏହି ଖାଲଖମା ଯୋଗୁଁ ଜଣେ ମହିଳା ଦୁର୍ଘଟଣାର ଶିକାର ହୋଇଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୀର୍ଘ ଦିନ ଧରି ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିଲେ ସୁଦ୍ଧା ପୂର୍ତ୍ତ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନର ଦୃଷ୍ଟି ପଡୁନାହିଁ।

# ମା'ଙ୍କୁ ଅସମ୍ମାନ; ଯତ୍ନ ନେଲେନି, ମରିବାକୁ ଛାଡ଼ିଦେଲେ

**ବାଲେଶ୍ୱର, ୭।୩(ସମିସ)**




**● ପ୍ରହସନ ପାଲଟିଛି 'ଏକ୍ ପେଡ୍ ମା' କେ ନାମ' ଅଭିଯାନ**

**● ପାଣି ନପାଇ ଡିଭାଇଡର୍‌ରେ ଶୁଖିଯାଇଛି ସବୁ ଗଛ**

ମା'ଙ୍କୁ ସମ୍ମାନ ଜଣାଇ ପରିବେଶ ସୁରକ୍ଷା ପାଇଁ ଲଗାଯାଇଥିବା ଗଛ ମରିବାକୁ ବସିଲାଣି। ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ପାଣି ଅଭାବରୁ ଶୁଖିଗଲା ଗଛ। 'ଏକ୍ ପେଡ୍ ମା'କେ ନାମ-୨.୦' ଅର୍ଥାତ୍ ମା'ଙ୍କ ନାମରେ ଗଛଟିଏ ଅଭିଯାନ ବାଲେଶ୍ୱରରେ ପ୍ରହସନ ପାଲଟିଛି। କାରଣ ଏହି ଅଭିଯାନରେ ଲଗାଯାଇଥିବା ଗଛ ସବୁ ମରିବାକୁ ବସିଲାଣି। ଗଛ ସୁରକ୍ଷା ପାଇଁ ଚାରିକଡେ ବାଉଁଶ ବାଡ ଦିଆଯାଇଛି ହେଲେ ପାଣି ଅଭାବରୁ ଗଛ ମରିଗଲାଣି। ଏକ୍ ପେଡ୍ ମା' କେ ନାମ୍' (ମା'ଙ୍କ ନାମରେ ଗୋଟିଏ ଗଛ) ହେଉଛି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଜନ-କଲ୍ୟାଣକାରୀ ବୃକ୍ଷରୋପଣ ଅଭିଯାନ। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଜନ୍ମଦାତ୍ରୀ ମା'ଙ୍କୁ ସମ୍ମାନ ଜଣାଇବା ସହ ଧରିତ୍ରୀ ମା'ର ସୁରକ୍ଷା ପାଇଁ ଚାରା ରୋପଣ କରିବା। ହେଲେ ମା'ଙ୍କୁ ଏମିତି ସମ୍ମାନ ନେଇ ଏବେ ଉଠିଛି ପ୍ରଶ୍ନ। ମା'ଙ୍କ ନାମରେ ଗଛଟିଏ ଲଗାଇ ତାହାର ଯତ୍ନ ନେବା ଏହି ଅଭିଯାନର ସଂକଳ୍ପ ଥିବାବେଳେ ବାଲେଶ୍ୱର ପୌରପାଳିକା ପକ୍ଷରୁ ବିଭିନ୍ନ ସ୍ଥାନରେ ତଥା ଡିଭାଇଡରରେ ଲଗାଯାଇଥିବା ଗଛ ମରିଗଲାଣି। ପ୍ରାୟ ତିନି ହଜାରରୁ ଅଧିକ ଗଛ ଲଗାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଲଗାଯାଇଥିବା ଗଛ ସବୁ ରକ୍ଷଣାବେକ୍ଷଣ ଅଭାବରୁ ମରିଗଲାଣି। ସହରର ବିଭିନ୍ନ ରାସ୍ତାର ଡିଭାଇଡରରେ ଚାରାରୋପଣ କରାଯାଉଛି, ହେଲେ ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହୋଇଯାଉଛି।

ଏହି ଅଭିଯାନରେ ବାଲେଶ୍ୱର ସହରରେ ପୌରପାଳିକା ପକ୍ଷରୁ ତିନି ହଜାର ବୃକ୍ଷରୋପଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟରେ ସହରର ବିଭିନ୍ନ ରାସ୍ତା ଯଥା ଓଟି ରୋଡ୍, ବିବେକାନନ୍ଦ ମାର୍ଗ, ହସପିଟାଲ ରୋଡ୍, ପୁଲିସ ଲାଇନ ଛକ, ତାମୁଲିଆ ଆଦି ରାସ୍ତାର ଡିଭାଇଡର୍‌ରେ ଗଛ ଲଗାଯାଇଛି। ଗତ ବର୍ଷ ଏହି ଗଛ ଲଗା ଅଭିଯାନ ଆରମ୍ଭ ହୋଇଥିଲା। ମା'ଙ୍କ ନାମରେ ଗୋଟିଏ ଗଛ ଅଭିଯାନରେ ବାଲେଶ୍ୱର ପୌରପାଳିକା ପକ୍ଷରୁ ୨୦ ଲକ୍ଷ ଟଙ୍କା ବଜେଟ୍ ଅଟକଳ ହୋଇଛି। ସେଥିରୁ ପ୍ରଥମ ପର୍ଯ୍ୟାୟରେ ଆସିଥିବା ଟଙ୍କା ୩ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟରେ ପୌରପାଳିକା ପକ୍ଷରୁ ବିଭିନ୍ନ ଜାଗାରେ ଗଛ ଲଗାଯାଇଛି। ହସପିଟାଲ ରୋଡ୍, ଫାଣ୍ଡି ଛକ, ଓଟି ରୋଡ୍, ପୁଲିସ ଲାଇନ୍, ତାମୁଲିଆ, ରାଜାବଗିଚା, ରାମେଶ୍ୱର ନଗର ପୋଖରୀ, ସାରଣ୍ୱର, ବାଲିଗଡିଆ ଶ୍ମଶାନ, ସେଣ୍ଟ୍ରାଲ ସ୍କୁଲ ଛକ, ପୁରୁଣା ଷ୍ଟାଡିୟମ, ବଡଖୁଆ ପୋଖରୀ, ଅଲହୁଆ ପୋଖରୀ, ପୁରୁଣା ବାଲେଶ୍ୱର, ପତୁଆଁପଦାରୁ ପୁଲିସ ଲାଇନ ଛକ, ମଙ୍ଗଳପୁର ଆଦି ସ୍ଥାନରେ ପୌରପାଳିକା ପକ୍ଷରୁ ପ୍ରାୟ ତିନି ହଜାର ଗଛ ଲଗାଯାଇଛି। ଏହି ସମସ୍ତ ସ୍ଥାନରେ ଔଷଧୀୟ ବୃକ୍ଷ ସମେତ ବିଭିନ୍ନ ପ୍ରକାରର ଫଳ ଗଛ ଆଦି ରୋପଣ କରାଯାଇଛି। ସମ୍ପୂର୍ଣ୍ଣ ବଜେଟ ଅନୁସାରେ ଏହି ଗଛଗୁଡ଼ିକର ଯତ୍ନ ପାଇଁ ଏସ୍ଏଚଜି ଗ୍ରୁପ୍‌କୁ ଦାୟିତ୍ୱ ଦିଆଯାଇଛି ଓ ଚାରୋଟି ଏସ୍ଏଚଜି ଗ୍ରୁପ୍‌କୁ ଗଛର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ଏମାନେ ୨ ବର୍ଷ ପାଇଁ ଗଛର ଦାୟିତ୍ୱ ନେବା କଥା। ପ୍ରତି ଗ୍ରୁପ୍ ପାଇଁ ୫ ଲକ୍ଷ ଟଙ୍କା ବଜେଟ୍ ରହିଥିବା ଜଣାପଡିଛି। ସେମାନଙ୍କୁ ଦାୟିତ୍ୱ ଦିଆଯାଇଛି ହେଲେ ଟଙ୍କା ଦିଆଯାଇନି। ଫଳରେ ଗଛ ଗୁଡିକର ଯତ୍ନ କେହି ନେଉନାହାନ୍ତି। ତେବେ ସହରର ବିଭିନ୍ନ ସ୍ଥାନରେ ଔଷଧୀୟ ତଥା ତୁଳସୀ ଗଛ ସହ ଅନ୍ୟାନ୍ୟ ଫଳ ଆଦି ଗଛ ଲଗାଯାଇଥିଲା। ଓଟି ରୋଡ୍ ସାରା ବୃକ୍ଷରୋପଣ ସହିତ କିଛି ମାସ ତଳେ ବିବେକାନନ୍ଦ ମାର୍ଗରେ ବୃକ୍ଷରୋପଣ କରାଯାଇଥିଲା। ସେସବୁ ଏବେ ଶୁଖିଗଲାଣି। ଏହି ଗଛଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗାଈଗୋରୁଠୁ ରକ୍ଷା ପାଇଁ ବିବେକାନନ୍ଦ ମାର୍ଗରେ ଗଛ ଚାରିପାଖେ ବାଉଁଶ ଦେଇ ବାଡ କରାଯାଇଛି। ହେଲେ ଗଛରେ ପାଣି ନଦେଇ ତାହାକୁ ମରିବାକୁ ଛାଡିଦେଲେ। ବିଗତ ବର୍ଷରେ ଡିଆଇସି ଛକରୁ ଆଇଟିଆଇ ଛକ ଡିଭାଇଡର୍ ପରିସରରେ ଦାମୀ ଗଛ ଲଗାଯାଇଥିଲା। ଯତ୍ନ ଅଭାବରୁ ତାହା କିଛି ମାସ ପରେ ମରିଯାଇଥିବା ଦେଖିବାକୁ ମିଳିଥିଲା। ଏ ବାବଦରେ ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ କହିଛନ୍ତି ଏସ୍ ଏଚ୍ ଜି ଗ୍ରୁପ୍ ଗଛ ଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ନେଇ ଗାଇଡ ଲାଇନ୍ ରହିଛି। ହେଲେ ସେମାନଙ୍କୁ କିଛି ଟଙ୍କା ଦିଆଯାଇନି। ସେମାନଙ୍କୁ ଟଙ୍କା ଦିଆଗଲେ ସେମାନେ ଗଛ କଥା ବୁଝିବେ। ଠିକ୍ ଭାବେ ପାଣି ନ ମିଳିବାରୁ ଗଛଗୁଡ଼ିକ ଶୁଖିଯାଇଛି। ଛୁଟି ଦିନରେ ପାଣି ଦିଆଯାଉନାହିଁ। ମଝିରେ ମଝିରେ ପାଣି ଦେବାକୁ ନିର୍ଦ୍ଦେଶ ଦେବୁ।

# ଉତ୍କଳ ଦିବସ ପାଳନ ପ୍ରସ୍ତୁତି ବୈଠକ



**କାଳିପଦା, ୭।୩ (ସମିସ):** ବାଲିଆପାଳର ପୁରାତନ ସାହିତ୍ୟ ଅନୁଷ୍ଠାନ ସୃଜନିକା ଓ ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ପକ୍ଷରୁ ବୁଧବାର ବ୍ଲକ ଛକ ଏସ କେ ଜି ଟ୍ରଷ୍ଟ ଓ ପାଠାଗାର କକ୍ଷରେ ଉତ୍କଳ ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ସୃଜନିକା ସଭାପତି ଅଧ୍ୟାପକ ଡ. ସୁକାନ୍ତ ଗିରି ଅଧ୍ୟକ୍ଷତା କରିଥିଲେ। ଉତ୍କଳ ସମ୍ମିଳନୀ ବାଲିଆପାଳ ବ୍ଲକ ଶାଖା ସଭାପତି ଅବସର ପ୍ରାପ୍ତ ପ୍ରଧାପକ କୁଞ୍ଜକାନ୍ତ ପାତ୍ର, ସମ୍ପାଦକ ସନ୍ୟାସୀ ବେହେରା, ପୂର୍ବତନ ବିଇଓ ମନ୍ମଥ କୁମାର ସାହୁ, ରାହା ସମ୍ପାଦିକା ଆରତୀ ପାତ୍ର, ସାମ୍ବାଦିକ ଜ୍ୟୋତି ରଞ୍ଜନ ପଟ୍ଟାୟତ, ନମିତା ସାମଲ, ହରେକୃଷ୍ଣ ତ୍ରିପାଠୀ, ଶ୍ରୀହରି ମଣ୍ଡଳ, ଦିଲ୍ଲୀପ ଦାସ, ସଦାଶିବ ସେଠୀ, ଗୋପାଳ କୃଷ୍ଣ ବିଶ୍ୱାଳ, ସବିତା ଦାସ, ଜୟନ୍ତୀ ପଣ୍ଡା, କ୍ଷିତୀଶ ଜେନା, ସଞ୍ଜୁଲତା ଦାସ ଅଧିକାରୀ, କମଳ ଲୋଚନ ପିଳା, ସୁଧୀର କୁମାର ଜେନା, ବିଜୟ କୁମାର ପାତ୍ର, ସେକ ନିମାଜୀ, ଅନିତା ପରିଡା, କମଳ ଲୋଚନ ଦତ୍ତ, ସୁମିତ୍ରା ସାହୁ, ଶକୁନ୍ତଳା ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ଗତ ବର୍ଷର ଆୟ ବ୍ୟୟ, ରାଲି, ପଥ ପ୍ରାନ୍ତ ସଭା, ଅତିଥି ଚୟନ, ବିଭିନ୍ନ ସଂଗଠନର ଅଂଶ ଗ୍ରହଣ ନେଇ ଆଲୋଚନା ହୋଇ ଥିଲା।

# ଗୋରୁ ଗାଡ଼ି ଜବତ



**ରେମୁଣା, ୭।୩ (ସମିସ):** ରେମୁଣା ଏନଏସି ଅନ୍ତର୍ଗତ ବାମୁଲ ଫାକ୍ଟ୍ରି ସମ୍ମୁଖରେ ଆଜି ଭୋର ୪ଟାରେ ଗ୍ରାମବାସୀଙ୍କ ପ୍ରଚେଷ୍ଟା ଫଳରେ ଗୋରୁ ଚାଲାଣ ଗାଡି ଧରାପଡ଼ିଛି। ଗ୍ରାମବାସୀଙ୍କ କହିବା ମୁତାବକ ଭୋର ୪ ଟା ବେଳେ ରେମୁଣାରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ସ୍କର୍ପିଓ ଚାଲୁଥିବା ସମୟରେ ଦୋହଲୁ ଥିଲା, ଗ୍ରାମବାସୀମାନେ ସନ୍ଦେହ କରି ସେହି ସ୍କର୍ପିଓକୁ ଧରିବା ପାଇଁ ଚେଷ୍ଟା କରିବାରୁ ଡ୍ରାଇଭର ଗାଡି ଛାଡି ଡିଆଁମାରି ପଛରୁ ଆସୁଥିବା ଦୁଇ ଏସକଟ ବାଇକରେ ପଳେଇଯାଇଥିଲା। ସ୍କର୍ପିଓ ଖୋଲି ଦେଖିବାରୁ ଗାଡି ଭିତରେ ୫ଗୋଟି ଗୋରୁ ନିର୍ମମ ଭାବରେ ଗୋଡକୁ ବାନ୍ଧି ରଖା ଯାଇଥିଲା। ତୁରନ୍ତ ୫ଟି ଗୋରୁକୁ ଉଦ୍ଧାର କରାଯାଇଥିଲା ଏବଂ ଗୋଲେଇ ଫାଣ୍ଡି, ଇଣ୍ଡଷ୍ଟ୍ରିଆଲ ଥାନାକୁ ଖବର କରାଯାଇଥିଲା। ଥାନା ଅଫିସର ସ୍କର୍ପିଓ ଗାଡିକୁ ସିଜ୍ କରି ଥାନାରେ ଅଟକ ରଖିଛନ୍ତି।

# 'ସଶକ୍ତ ନାରୀ ସଶକ୍ତ ରାଷ୍ଟ୍ର' କାର୍ଯ୍ୟକ୍ରମ



**ବାଲେଶ୍ୱର, ୭।୩ (ସମିସ):** ସମଗ୍ର ରାଜ୍ୟରେ ୩ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହେଉଥିବା ବେଳେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସାଧନା ଫାଉଣ୍ଡେସନ ପକ୍ଷରୁ ବାଲେଶ୍ୱର ସହର ଉପକଣ୍ଠ କୁରୁଡାସ୍ଥିତ ବାଙ୍ଗରା ଗ୍ରାମ ଅଙ୍ଗନବାଡି କେନ୍ଦ୍ର ଠାରେ ସଶକ୍ତ ନାରୀ ସଶକ୍ତ ରାଷ୍ଟ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ମହିଳା ସଶକ୍ତୀକରଣରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀ ସଶକ୍ତୀକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ତର୍ନିହିତ ପ୍ରତିଭାର ବିକାଶ ସହ ମହିଳାଙ୍କୁ ସଫଳତା ପ୍ରଦାନ ପାଇଁ ସାମଗ୍ରିକ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଜାତା ପଟ୍ଟନାୟକ, ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମଧୁସ୍ମିତା ମହାନ୍ତି, ସୁପରଭାଇଜର ଶୁଭଶ୍ରୀ ଜେନା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ ମାଧ୍ୟମରେ ଉପସ୍ଥିତ ମହିଳାଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ସାଧନା ଫାଉଣ୍ଡେସନର ମୁଖ୍ୟ ସୁଜାତା ପଣ୍ଡା ଏଥିରେ ସଭାପତିତ୍ୱ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଉପହାର ସ୍ୱରୂପ ଅତିଥିମାନଙ୍କୁ ପ୍ରଦାନ କରାଯାଇଥିଲା। ଏହା ସହିତ ସଭା ପୂର୍ବରୁ ଅୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ମହିଳା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା! ବାଙ୍ଗରା ଅଙ୍ଗନବାଡି କେନ୍ଦ୍ରର କାଂଚନ ଦିଦିଙ୍କ ସହ ଶୀତଳା ଦାସ, ପୁଷ୍ପା ମହାନ୍ତ, ମଧୁସ୍ମିତା, ଦେବଯାନୀ ମହାନ୍ତ, ତପସ୍ୱିନୀ ଆଚାର୍ଯ୍ୟ, ମମତା ଲେଙ୍କା, ନମିତା ଜେନା, ସଂଘମିତ୍ରା ବେହେରା, ପ୍ରଶାନ୍ତି ସାହୁ, କଳ୍ପନା ବାରିକ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଅନନ୍ତପୁର ଥାନା ଉଦ୍‌ଘାଟିତ

**ସୋର, ୭।୩(ସମିସ):** ଦୀର୍ଘଦିନ ଧରି ଉଦଘାଟନ ଅପେକ୍ଷାରେ ଥିବା ଅନନ୍ତପୁର ଥାନାକୁ ଆଜି ସନ୍ଧ୍ୟାରେ ଉଦ୍‌ଘାଟନ କରାଯାଇଛି। ଓଡିଶା ଗସ୍ତରେ ଆସିଥିବା ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଥାନାକୁ ଭରଚୁଆଲ ମାଧ୍ୟମରେ ଉଦଘାଟନ କରିଛନ୍ତି। ଏହି ସମୟରେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଏସପି ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଏସପି ନିରଞ୍ଜନ ବେହେରା, ଏସଡିପିଓ ଶୁଭ୍ରାଂଶୁ ନାୟକ, ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଅନନ୍ତପୁର ଥାନାଧିକାରୀ ସରୋଜ କୁମାର ଦାସଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ଓ ନେତୃବୃନ୍ଦମାନେ ଉପସ୍ଥିତ ଥିଲେ। ଏହି ସମୟରେ ଥାନାର ଗୁରୁତ୍ୱ ଅଧିକ ଥିବାରୁ ଏଠାରେ ଅଧିକ ପୁଲିସ କର୍ମଚାରୀ ମୁତୟନ ଓ ପାଟ୍ରୋଲିଂ ପାଇଁ ପୁଲିସ ଯୋଗାଇବାକୁ ସ୍ଥାନୀୟ ବାସିନ୍ଦା ଆଇଜି ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ବିଧାୟକ ଏବଂ ସାଂସଦଙ୍କ ଅନୁପସ୍ଥିତି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

# ମାନ୍ଧାତା ସାପ୍ତାହିକ ହାଟରେ ଜୁଆ ଖେଳ



**କାଳିପଦା, ୭।୩ (ସମିସ):** ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତ ମାନ୍ଧାତା ସାପ୍ତାହିକ ହାଟରେ ଏବେ ବେଆଇନ ଜୁଆ ଖେଳ ଅବାଧରେ ଚାଲିଛି। ସ୍ଥାନୀୟ ପୁଲିସ ସମସ୍ତ ଜାଣି ମଧ୍ୟ କୌଣସି ପଦକ୍ଷେପ ନେଉ ନାହିଁ। ଜୁଆ ଖେଳ ଯୋଗୁଁ ହାଟର ପରିବେଶ ତିକ୍ତ ହେବା ସହିତ ଗରିବ ଓ ମଧ୍ୟ ବିତ୍ତ ପରିବାରର ଲୋକମାନେ ସର୍ବସ୍ୱାନ୍ତ ହେଉ ଛନ୍ତି। ଜୁଆ ଖେଳ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଚୋରି ଓ ରାହାଜାନି ବୃଦ୍ଧି ପାଉଛି। ସ୍କୁଲ ଓ କଲେଜ ପିଲାମାନେ ମଧ୍ୟ ଘରୁ ପିତାମାତାଙ୍କ ଠାରୁ ଟଙ୍କା ଚୋରି କରି ଆଣି ଜୁଆ ଖେଳୁଛନ୍ତି। କେହି ପ୍ରତିବାଦ କଲେ ଯୁଆଡ଼ିମାନେ ସଂଘ ବଦ୍ଧ ହୋଇ ଧମକ ଚମକ ଦେବା ସହ ଅଶୀଳ ଭାଷାରେ ଗାଳି ଗୁଲଜ କରୁଛନ୍ତି। ହାଟର ଉତ୍ତର ପଟେ ପ୍ରସିଦ୍ଧ ଶ୍ରୀଜଗନ୍ନାଥ କ୍ଷେତ୍ର ଭକ୍ତି କ୍ଷେତ୍ର ରହିଛି। ନିୟମିତ ଜୁଆ ଖେଳ ଯୋଗୁଁ ସେଠାକାର ପରିବେଶ ଦୂଷିତ ହେବାରେ ଲାଗିଛି। ଜୁଆଡ଼ିମାନେ ସ୍ଥାନୀୟ ଅଂଚଳର କେତେ ଜଣ ମୁଷ୍ଟିମେୟ ଲୋକ ଓ ପୁଲିସକୁ ହାତ କରି ଅବାଧରେ ଖେଳ କରୁଛନ୍ତି। ଏ ବାବଦରେ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

# ପ୍ରଧାନ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

**ରାଜଘାଟ, ୭।୩ (ସମିସ):** ବସ୍ତା ବ୍ଲକ ସୁନ୍ଦରହତା ଗ୍ରାମର ପରିଡା ରାଧାମଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲମ୍ବୋଧର ମହାପାତ୍ରଙ୍କ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ପୂର୍ବତନ ଛାତ୍ର ଘନଶ୍ୟାମ ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ସୁନ୍ଦରହତା ଜଗନ୍ନାଥ ମନ୍ଦିର ପୂଜକ ରତିକାନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକ ଭୋଳାନାଥ ସାମଲ, ଭାସ୍କର ଚନ୍ଦ୍ର ମହାପାତ୍ର,ଆରତୀ ଦଳାଇ, ପଞ୍ଚୁପାଣ୍ଡବ ଧଳ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ମହାପାତ୍ର ଙ୍କ ଚାକିରି ଜୀବନ ର କାର୍ଯ୍ୟ ଶୈଳୀ, ସମୟାନୁବର୍ତ୍ତିତା ଉପରେ ଆଲୋଚନା କରିବା ସହିତ ତାଙ୍କର ଦୀର୍ଘାୟୁ କାମନା କରିଥିଲେ। ପୁରାତନ ଏବଂ ବର୍ତମାନର ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ବିସିକେଶନ ରାଉତ ଧନ୍ୟବାଦ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍କୁଲ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା କ୍ଲଷ୍ଟର ସ୍ତରୀୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପରିଡା ରାଧାମଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବର୍ତ୍ତମାନର ଓ ପୁରାତନ ଛାତ୍ରଛାତ୍ରୀ, ସୁନ୍ଦରହତା ଗ୍ରାମର ଗୋକୁଳାନନ୍ଦ ପରିଡା, ଆଦିକନ୍ଦ ବେଜ, ମନୋରଞ୍ଜନ ସାହୁ, ପୂର୍ଣଚନ୍ଦ୍ର ଜେନା, ସୀତାରାମ ବେଜ, ଶାଶୁଭୂଷଣ ରାଉଳ, ଗଣେଶ ପରିଡା, ଘନଶ୍ୟାମ ବେଜ, ମଳୟ ମହାପାତ୍ର ପ୍ରମୁଖ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ।

# ଧାନ ବୋଝେଇ ଗାଡ଼ି ଅଟକାଇଲେ ଚାଷୀ

**ରାଜଘାଟ, ୭।୩ (ସମିସ):** ଧାନ ବୋଝେଇ ଟ୍ରକ୍ ଅଟକାଇଲେ ଚାଷୀ। ଚାଷୀଙ୍କ ଅଜାଣତରେ ବ୍ୟବସାୟୀଙ୍କ ଧାନ ସେବା ସମବାୟ ସମିତି ମାଧ୍ୟମରେ ମିଲକୁ ଯାଉଥିବା ଅଭିଯୋଗରେ ଅଟକାଇଲେ ଚାଷୀ। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ମୁକୁଳିସି ସେବା ସମବାୟ ସମିତି ଅଧୀନରେ ଥିବା ବରଡ଼ା ଗ୍ରାମରୁ ଏକ ୧୦ ଚକିଆ ଟ୍ରକ ରେ



୩୦୦ କୁଇଣ୍ଟାଲରୁ ଅଧିକ ଧାନ ବୋଝେଇ କରି ଜଗନ୍ନାଥ ମିଲକୁ ଯାଉଥିବାବେଳେ କୋଠିଆ ଗ୍ରାମ ନିକଟରେ ଅଟକାଇଥିଲେ ଶତାଧିକ ଚାଷୀ। ଅଭିଯୋଗ ଅନୁସାରେ ମୁକୁଳିସି ସେବା ସମବାୟ ସମିତିରୁ ଚାଷୀଙ୍କ ଠାରୁ କମ୍ ଧାନ କିଣି ବ୍ୟବସାୟୀଙ୍କଠାରୁ ଚୋରାରେ ଧାନ କିଣୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଆଜି ସକାଳେ ଏହି ଟ୍ରକରେ ଅଖା ବ୍ୟାଗ୍ ରେ ଧାନ ବୋଝେଇ ହେଉଥିବା ବେଳେ ଚାଷୀଙ୍କ ସନ୍ଦେହ ହେବାରୁ ଅଟକାଇଥିଲେ। ବ୍ୟବସାୟୀ ମାନେ ପଲିଥିନ ବ୍ୟାଗ୍ ରେ ଧାନ ନେଉଥିବା ବେଳେ ଅଖା ବ୍ୟାଗ୍ ରେ ଧାନ ନେଉଥିବା ନେଇ ସନ୍ଦେହ କରିଛନ୍ତି। ଯାହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିକୁ ଥାନାକୁ ଆଣି ଅଧିକ ତଦନ୍ତ ଜାରିରଖିଛି।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ



**ରେମୁଣା, ୭।୩ (ସମିସ):** ରେମୁଣା ଏନଏସି ଅନ୍ତର୍ଗତ ରେମୁଣା ବିଜୁ ପଟ୍ଟନାୟକ ଜୟନ୍ତୀ କମିଟି ଆନୁକୂଲ୍ୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ସମାରୋହ ସ୍ଥାନୀୟ ଗୌରୀଶଙ୍କର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଅଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ମୁଖ୍ୟ ବକ୍ତା ଭାବେ ବିଶ୍ୱନାଥ ମିଶ୍ର, ସମ୍ମାନିତ ଅତିଥି ଅଧ୍ୟାପକ ଡକ୍ଟର ଚିତ୍ତରଞ୍ଜନ କୁଣ୍ଡ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ବିଜୁବାବୁ ଜୀବନର ମହନୀୟ ଗୁଣାବଳୀ ଆଲୋଚନା କରିବା ସହ ବିଜୁବାବୁଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସମସ୍ତଙ୍କୁ ଉଦବୋଧନ ଦେଇଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ମଞ୍ଚ ଆବାହନ କରିଥିଲେ, ଅଜିତ କୁମାର ପଣ୍ଡା ବେଦପାଠ କରିଥିଲେ। ପ୍ରଶାନ୍ତ କୁମାର ବରାଳ ଅତିଥି ପରିଚୟ କରିଥିଲେ। ଡ. ନରୋତ୍ତମ ପରିଡା ସ୍ୱାଗତ ଭାଷଣ ରଖିଥିଲେ। ଡକ୍ଟର ଭାଗବତ ପ୍ରସାଦ ଦାସ ପ୍ରାକ କଥନ ପ୍ରଦାନ କରିଥିଲେ। ସଭାରେ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ ଓ ରମେଶ ଚନ୍ଦ୍ର ଓଝାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରେ ବିଜୁବାବୁଙ୍କ ସମ୍ପର୍କିତ ଜଣା ଅଜଣା କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ବିଚିତ୍ରାନନ୍ଦ ଗିରି ବିବରଣୀ ପାଠ କରିଥିଲେ। ସଭା ପ୍ରାରମ୍ଭରେ ବିଜୁବାବୁଙ୍କ ଜୀବନୀ ଆଧାରିତ ଏକ ମନୋଜ୍ଞ କବିତା ପାଠୋତ୍ସବ କବି ଅଜିତ ପଣ୍ଡା ଓ ନାଟ୍ୟକାର ଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଉପସଭାପତି ଦୁଷ୍ମନ୍ତ ଦାସ, ରୁପେଶ ଜେନା, ଆଇସନ ଖାଁ, ଅରୁଣ ମହାନ୍ତି, ଅମୀୟ ମହାନ୍ତି, କାର୍ତ୍ତିକ ରଣା, ଜୟଶ୍ରୀ ମିଶ୍ର, ବିଜୟ କୁମାର ଦାସ, ବ୍ରହ୍ମାନନ୍ଦ ଦାସ, ଯୋଗେନ୍ଦ୍ର ମହାର୍ଣ୍ଣା, ଅନନ୍ତ ଚରଣ ପୋଥାଳ, ସନ୍ତୋଷ ବେହେରା, ଷ୍ଟାଲିନ ମିଶ୍ର, ବାସନ୍ତୀ ଦାସ, ଛବିରାଣୀ ଦାସ, ରଘୁନାଥ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ମାଧବାନନ୍ଦ ବେହେରା ଶେଷରେ ଧନ୍ୟବାଦ ଦେଇଥିଲେ।

# ରକ୍ତଦାନ ଶିବିର; ୫୬ ୟୁନିଟ୍ ସଂଗୃହୀତ



**ଭୋଗରାଇ, ୭।୩ (ସମିସ) :** ଭୋଗରାଇ ବ୍ଲକ ଜୟରାମପୁରସ୍ଥିତ ଆଜାଦ୍ ହିନ୍ଦ କ୍ଲବ ପକ୍ଷରୁ ହୋଲି ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଗତ ବୁଧବାର ଓ ଗୁରୁବାର ବିଶାଳ ଅନ୍ନ ମହୋତ୍ସବ, ଶୁକ୍ରବାର ଭଲିବଲ ପ୍ରତିଯୋଗିତା ଓ ଶନିବାର ଅନୁଷ୍ଠିତ ରକ୍ତଦାନ ଶିବିରରୁ ସମୁଦାୟ ୫୬ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏହି ଶିବିରକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ମୁଖ୍ୟଅତିଥି ଓ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦଘାଟନ କରିଥିଲେ। କ୍ଲବର୍ ସଧାରଣ ସମ୍ପାଦକ ଆଇନଜୀବୀ ବିଶ୍ୱଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଶ୍ରୀ ଦାସ, ଜିଲ୍ଲାପରିଷଦ ସଭ୍ୟା ଶ୍ରୀମତୀ ସାହୁ, ସ୍ଥାନୀୟ ସରପଞ୍ଚ ଦୀପ୍ତିରାଣୀ ମିଶ୍ର, ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଭୋଗରାଇ ସଂଘର ସଭପତି ଅଧିର ଗିରି ଗୋସ୍ୱାମୀ, ଡାକ୍ତର ଉତ୍ତର କୁମାର ଦଣ୍ଡପାଟ ପ୍ରମୁଖ ଯୋଗ ଦେଇ ଏକତା ଶକ୍ତିର ବିକାଶ ପାଇଁ ଗ୍ରାମାଞ୍ଚଳରେ ଏହି ଭଳି କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। କ୍ଲବର ସଭାପତି ପୁଲିନ ଦାସ, କାର୍ଯ୍ୟକାରୀ ସଭାପତି ଚିରଞ୍ଜିତ ଦାସ, ସମ୍ପାଦକ ଶୀ ରିଶ ସିଂ, ସଦସ୍ୟ ସଞ୍ଜୀବ ଦାସ, ପ୍ରଦୀପ ଦାସ, ଓମପ୍ରକାଶ ଦାସ, ତାପସ ଦାସ, ତରୁଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଅନ୍ୟ ୩ ଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ମଙ୍ଗଳବାର ଉଦଯାପନ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# ଜଳେଶ୍ୱରରେ ଆଇସିଡିଏସ୍ ଖାଦ୍ୟ ଯୋଜନା ଦିଗହରା

**ଜଳେଶ୍ୱର, ୭।୩ (ସମିସ)**



ରାଜ୍ୟ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିନରେ ରାଜ୍ୟର ୬ ମାସରୁ ୩ବର୍ଷର ଶିଶୁ, ୧୫ରୁ ୧୮ ବର୍ଷ ୧୧ମାସର କିଶୋରୀ କନ୍ୟା, ଗର୍ଭବତୀ, ପ୍ରସୂତୀ ମାନଙ୍କୁ ଏସ୍.ଏଚ୍.ଜି ଗୃପ ମିଶନ ଶକ୍ତି ଦ୍ୱାରା ପ୍ରସ୍ତୁତ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ସୁଷମ ଖାଦ୍ୟ ଯୋଜନା ଦିନକୁ ଦିନ ଦିଗହରା ହେବାରେ ଲାଗିଛି। ସରକାରଙ୍କ ନିୟମାନୁଯାୟୀ ପ୍ରତ୍ୟେକ ମାସ ୧ତାରିଖରୁ ଶିଶୁ, ଗର୍ଭବତୀ, ପ୍ରସୂତି ଓ କିଶୋରୀ କନ୍ୟା ମାନଙ୍କୁ ଉତ୍ତମ, ପୁଷ୍ଟିକର ତଥା ସନ୍ତୁଳିତ ଆହାର ଜିଲ୍ଲା ଡି.ଏସ.ଡବ୍ଲ୍ୟୁ ଅଧିକାରୀଙ୍କ ତତ୍ୱବଧାନରେ ଯୋଗାଇ ଦେବାର ନିୟମ ରହିଥିବା ବେଳେ ବିଗତ କେତେ ମାସ ଧରି ଜଳେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତ ଓ ପୌରାଞ୍ଚଳରେ ଏହି ଖାଦ୍ୟ ବଣ୍ଟନ ଠିକ ସମୟରେ ହୋଇ ପାରୁନାହିଁ। ମିଶନ ଶକ୍ତିର ମହିଳା ମାନଙ୍କ ଦ୍ୱାରା ଏହି ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତ ହୋଇ ଯୋଗାଇ ଦେବାକୁ ସରକାରୀ ନିର୍ଦ୍ଦେଶ ରହିଥିବା ବେଳେ ବିଭାଗୀୟ ଅଧିକାରୀ ମାନଙ୍କର ମନମାନି ଓ ଯୋଗାଣକାରୀ ମାନଙ୍କ ମଧ୍ୟରେ ସଲାସୁତୁରା ଦ୍ୱାରା ଏହି ଖାଦ୍ୟ ବଣ୍ଟନ ଦିନକୁ ଦିନ ପ୍ରଭାବିତ ହେବାରେ ଲାଗଛି। ବିଶେଷ ସୂତ୍ରରୂ ଜଣାଯାଇଛି ଯେ ବାଲେଶ୍ୱର ଜିଲ୍ଲାରେ ଜନୈକ ଅଣ ଓଡିଆ ବ୍ୟବସାୟୀଙ୍କ ଦ୍ୱାରା ଜିଲ୍ଲାର ସମସ୍ତ ଶିଶୁଖାଦ୍ୟ ବଣ୍ଟନ ପ୍ରଣାଳୀ ପରିଚାଳିତ ହେଉଛି। ଏହି ଖାଦ୍ୟଦ୍ରବ୍ୟ ବ୍ୟବହାର କରୁଥିବା ମହିଳା ତଥା ଶିଶୁ ଓ କିଶୋରୀ ମାନଙ୍କର ଅଭିଭାବକମାନେ ଏହି ନିମ୍ନ ମାନର ଖାଦ୍ୟ ପାଇଁ ବହୁ ସମୟରେ ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ସ୍ଥାନୀୟ ଅଧିକାରୀ ଅବା ଜିଲ୍ଲା ଅଧିକାରୀ ଏ ବିଷୟରେ କର୍ଣ୍ଣପାତ କରୁ ନ ଥିବା ଜଣାଯାଇଛି। ପୋକରା ଗହମ, ସୁଜି ତଥା ପୋକରା ବାଦାମରୁ ତିଆରି ହେଉଥିବା ଶିଶୁ ଖାଦ୍ୟ ଦୀର୍ଘଦିନ ଯୋଗାଣ ହେଉଥିବା ତଥା ଏ ବିଷୟରେ ବାରଂବାର ଅଭିଯୋଗ ସତ୍ତ୍ୱେ ଏହା ଉପରେ ଜିଲ୍ଲାପାଳ ବା କୌଣସୀ ଉପରିସ୍ଥ ଅଧିକାରୀ ଆଜିଯାଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ପ୍ରତ୍ୟେକ ବ୍ଲକରେ ନିର୍ଦ୍ଦେଶ ପାଇଥିବା ମିଶନ ଶକ୍ତିମାନେ ଏହି ବ୍ୟକ୍ତିଙ୍କଠାରୁ ଖାଦ୍ୟଦ୍ରବ୍ୟ ଆଣି ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ଯୋଗାଇବାକୁ ବାଧ ବୋଲି ଯାହା ଜଣାଯାଇଛି। ତେଣୁ ଜିଲ୍ଲାପାଳ ତୁରନ୍ତ ଏହା ଉପରେ ତଦନ୍ତ ତଥା ବିଶେଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସମସ୍ତ ସତ୍ୟତା ଜଣାପଡିବ ବୋଲି ବିଭିନ୍ନ ମହଲରୁ ଦାବି କରାଯାଇଛି।

## ଚନ୍ଦନେଶ୍ୱର ଜୀଉଙ୍କ ବିଶ୍ୱ ପ୍ରସିଦ୍ଧ ଚଡ଼କ ପର୍ବ ପ୍ରସ୍ତୁତି ବୈଠକ

# ଏପ୍ରିଲ ୩ରେ ପ୍ରଥମ ଅର୍ଘ୍ୟ ଓ ୧୩ରେ ମହା ପାଟପର୍ବ

**ଚନ୍ଦନେଶ୍ୱର/ଭୋଗରାଇ, ୭।୩ (ସମିସ)**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ପୂର୍ବ ଭାରତର ପ୍ରସିଦ୍ଧ ଚନ୍ଦନେଶ୍ୱର ଜୀଉଙ୍କ ପ୍ରସିଦ୍ଧ ଚଡ଼କ ପର୍ବ୨୦୨୬ ଉତ୍ସବ ପାଳନ ଉପଲକ୍ଷେ ଆଜି ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚନ୍ଦନେଶ୍ୱରସ୍ଥିତ ଯାତ୍ରୀ ନିବାସରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଶିବ ମାଲ୍ୟାବ ଅଧ୍ୟକ୍ଷତା କରିଥିବା ବେଳେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସେବାୟତ ସଂଘର ମୌରସୀ ତଥା ଅଧକ୍ଷ ତପନ କୁମାର ପଣ୍ଡା ଚଡ଼କ ମେଳାର ସମ୍ପୂର୍ଣ୍ଣ ସୂଚୀ ନିର୍ଘଣ୍ଟ ପାଠ କରିଥିଲେ। ଭୋଗରାଇ ତହସିଲଦାର ତଥା ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟ କୁମାର ନାୟକ ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ସଭା ପରିଚାଳନା କରିଥିବା ବେଳେ ଉପମୌରସୀ ବୁଦ୍ଧଦେବ ପଣ୍ଡା ଚଡ଼କ ମେଳାର ଐତିହ୍ୟ ଓ ଏହାର ଆଧ୍ୟାତ୍ମିକ ମାହାତ୍ମ୍ୟ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ୨୦୨୫-୨୬ ମସିହାରେ ଶ୍ରୀ ଚନ୍ଦନେଶ୍ୱର ମହାଦେବ



ଜୀଉଙ୍କର ପବିତ୍ର ଚଡ଼କ ପର୍ବ ୧୧ ଦିନ ବ୍ୟାପି ପାଳିତ ହେବ ଓ ମାତ୍ର ଶ୍ରୀ ଜୀଉଙ୍କର ଚଡକ ନୀତିକାନ୍ତି ୧୩ ଦିନ ବ୍ୟାପି ପାଳିତ ହେବ। ଏହି ନୀତି ନିୟମ ପଞ୍ଜିକା ନିୟମ ଅନୁଯାୟୀ ତିଥି ବାର ଓ ନକ୍ଷତ୍ର ଦେଖି ମୌରସୀ-ନ୍ୟାସୀ ତପନ କୁମାର ପଣ୍ଡା,ମୁଖ୍ୟ ପୂଜକ ବୁଦ୍ଧଦେବ ପଣ୍ଡା ଓ ସମସ୍ତ ସେବାୟତ ଥାଇ ନିମ୍ନ ଲିଖିତ ଚଡ଼କ ପର୍ବର ସମସ୍ତ ନୀତିକାନ୍ତି ଓ ନିର୍ଘଣ୍ଟ ଉଲ୍ଲେଖ କରାଗଲା।

୧୯ ଚୈତ୍ର ୩ ଏପ୍ରିଲ ୧୧ ଅର୍ଘ୍ୟ ଶୁକ୍ରବାର - ଚଡ଼କ ଯାତ୍ରାର ଶୁଭାରମ୍ଭ ପ୍ରାତଃ ୪ ଘଣ୍ଟା , ସମୟରେ ଶ୍ରୀ ଶ୍ରୀ ଜୀଉଙ୍କ ରୁଦ୍ରାଭିଷେକ। ଅପରାହ୍ନ ୪ ଘ. ସମୟରେ ମୌରସୀ-ନ୍ୟାସୀଙ୍କ ଆଜ୍ଞାମାଳ ଗ୍ରହଣ। ପାଟଭକ୍ତ ଓ ଦେଉଳିଆଙ୍କ ଉପବୀତ ଧାରଣ, ପଡ଼ା ବାଉଁଶ ଛେଦନ ଓ ଶେଷରେ ଅର୍ଘ୍ୟଦାନ। ଚଳିତ ବର୍ଷ ୧୯ ଚୈତ୍ର ଏପ୍ରିଲ ୩ ତାରିଖ ରେ ଚଡକ ଯାତ୍ରାର ଶୁଭାରମ୍ଭ ହେବ।ଏହି ଦିନ ମୌର ସନ୍ୟାସୀ ଙ୍କ ଆଜ୍ଞା ମାଳ ଗ୍ରହଣ ଓ ପାଟ ଭକ୍ତ ,ଦେଉଳିଆଙ୍କ ଉପବିତ ଧାରଣ, ପଡ଼ା ବାଉଁଶ ଛେଦନ ସହିତ ୧୧ ମ ଅର୍ଘ୍ୟ ପ୍ରଦାନ କାର୍ଯ୍ୟକ୍ରମ ହେବ। ସେହିପରି ୨୦ ଚୈତ୍ର ୪ ଏପ୍ରିଲ ୧୦ ଅର୍ଘ୍ୟ ଶନିବାର - ଶ୍ରୀ ଶ୍ରୀ ଜୀଉଙ୍କ ମହାନ ଚଡ଼କ ଯାତ୍ରାର ଘଟତୋଳନ ଓ ସମସ୍ତ ସେବାୟତ ଗୃହକୁ ଯାଇ ସୁଆଜ୍ଞା ଆନୟନ ହେବ।୨୧ ଚୈତ୍ର ୫ ଏପ୍ରିଲ ୯ ଅର୍ଘ୍ୟ, ୨୨ ଚୈତ୍ର ୬ ଏପ୍ରିଲ ୮ ଅର୍ଘ୍ୟ ସୋମ୍ବାର - ଭକ୍ତମାନଙ୍କର କାଳୁଆଚଣ୍ଡୀ ଠାରେ ଶ୍ରୀବେକଡ଼ା ପ୍ରଦାନ ,୨୪ ଚୈତ୍ର ୮ ଏପ୍ରିଲ ୬ ଅର୍ଘ୍ୟ , ୨୫ ଚୈତ୍ର ୯ ଏପ୍ରିଲ ୫ ଅର୍ଘ୍ୟ ,୨୬ ଚୈତ୍ର ୧୦ ଏପ୍ରିଲ ୪ ଅର୍ଘ୍ୟ ଶୁକ୍ରବାର - ଭଟପୁର ଗ୍ରାମରେ "କାମିନୀ" ମାତାଙ୍କ ପିତ୍ରାଳୟ ଗମନ। କନ୍ୟାସୀକୃତୀ କାର୍ଯ୍ୟ ସମ୍ପାଦନ, ୨୭ ଚୈତ୍ର ୧୧ ଏପ୍ରିଲ ୩ ଅର୍ଘ୍ୟ ,୨୮ ଚୈତ୍ର ୧୨ ଏପ୍ରିଲ ୨ ଅର୍ଘ୍ୟ ରବିବାର ପ୍ରାତଃ କାଳରେ କାମୀନା ଘଟଙ୍କୁ ଘେନି ପିତ୍ରାଳୟକୁ ଗମନ ବିଶାଳ ସୁସଜ୍ଜିତ ପଟୁଆରରେ ଘଟଦ୍ୱୟଙ୍କୁ ଭବ୍ୟ ଶୋଭାଯାତ୍ରାରେ ଗର୍ଭଗୃହ ମଧ୍ୟରେ ଆନୟନ। ଗର୍ଭଗୃହ ମଧ୍ୟରେ ଶିବ-କାମୀନାଙ୍କ ବିଶେଷ ନିତୀକାନ୍ତିରେ, ବୈଦିକ ରିତୀରେ ଶୁଭ ବିବାହ ଓ ଶ୍ରୀ ଶ୍ରୀ ଜୀଉଙ୍କ ମହାନ ନୀଳ ପର୍ବ ଅନୁଷ୍ଠିତ ହେବ।ସେହିଦିନ ପାଟଭକ୍ତ, ଶ୍ରୀବେକଡ଼ା ଓ ଦେଉଳିଆ ଭକ୍ତ ମାନଙ୍କ ଦ୍ୱାରା ସ୍ତମ୍ଭୀ କାଷ୍ଠ ଉତ୍ତୋଳନ ଏବଂ ନୀଳ ପୋଖରିରେ ମହା ଆଳତି ଭବ୍ୟତାର ସହିତ ସମ୍ପନ୍ନ ଓ ମନ୍ଦିର ପରିସରରେ ଶେଷ ବେକଡ଼ା ପ୍ରଦାନ କରାଯିବ। ୨୯ ଚୈତ୍ର ଏପ୍ରିଲ ୧୩ତାରିଖରେ ପର୍ବର ଅନ୍ତିମ ଅର୍ଘ୍ୟ ସହିତ ମହା ପାଟ ପର୍ବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ଏହି ମେଳାକୁ ଶୃଙ୍ଖଳିତ ଭାବେ ସମାପନ ପାଇଁ ପୋଲିସ ବିଭାଗ ପକ୍ଷରୁ ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦେବଜ୍ୟୋତି ଦାଶ ଓ ଏସଡିପିଓ ଶ୍ରୀ ସୁବ୍ରତ କୁମାର ବେହେରା ଆଇନ-ଶୃଙ୍ଖଳା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଡ୍ରୋନ ଓ ସିସିଟିଭି ବ୍ୟବସ୍ଥା ସମ୍ପର୍କରେ ମତପ୍ରକାଶ କରିଥିଲେ। ଗତ ବର୍ଷ ତୁଳନାରେ ଏହିବର୍ଷ ଅଧିକ ସଂଖ୍ୟାରେ ପୋଲିସ ବଳ ମୁତୟନ କରାଯିବ ବୋଲି ଶ୍ରୀ ଦାଶ ସୂଚନା ଦେଇଥିଲେ। ସେହିପରି ଓଡ୍ରାଫ ଓ ଅଗ୍ନିଶମ ବିଭାଗର ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ବିଧାୟକ ଶ୍ରୀ ଦାସ ରାସ୍ତା କଡ଼ରେ ପାର୍କିଂ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ପାଣି ଓ ସାନିଟେଶନ ସହ ରାସ୍ତା ମରାମତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କଠାରୁ ପ୍ରସ୍ତୁତି ସମ୍ପର୍କିତ ତଥ୍ୟ ଗ୍ରହଣ କରିଥିଲେ। ପରେ ବିଦ୍ୟୁତ୍, ଜଳ ଯୋଗାଣ, ଟାଟା ପାୱାର ସହିତ ଅନ୍ୟାନ୍ୟ ବିଭାଗ ମେଳା ପାଇଁ ନିଜ ନିଜ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ, ଡାକ୍ତରୀ ଟିମ୍, ଔଷଧ ଶିବିର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା। ଜଳ ଯୋଗାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଟଏଲେଟ୍ ବ୍ୟବସ୍ଥା ଓ ପାଣି ଯୋଗାଣ ସମ୍ପର୍କରେ ଅବଗତ କରାଇଥିଲେ। ଉପଜିଲ୍ଲାପାଳ ଶ୍ରୀ ମାଲବ୍ୟ ସମସ୍ତ ବିଭାଗର ଉତ୍ତମ ସମନ୍ୱୟ ମାଧ୍ୟମରେ ଚଡ଼କ ପର୍ବର ସୁଚାରୁ ଓ ସଫଳ ଆୟୋଜନ ପାଇଁ ଆଶା ପ୍ରକାଶ କରିଥିଲେ।

## ● ବିନା ଲାଇସେନ୍ସରେ କାରବାର

## ୨.୫ ଲକ୍ଷର ମେଡିସିନ ଜବତ

**ଖଇରା,୭ ।୩ (ସମିସ):** ଜିଲା ଡ୍ରଗ୍ସ ବିଭାଗ ପକ୍ଷରୁ ବାଲେଶ୍ୱର ଜିଲା ଖଇରା ଥାନା ଗୋବିନ୍ଦପୁର ପଞ୍ଚାୟତ ଅଧୀନ କଣ୍ଟାବଣିଆ ଗ୍ରାମରେ ଶନିବାର ଅପରାହ୍ନରେ ଚଢାଉ କରାଯାଇ ୨.୫ଲିଟର ମେଡିସିନ ଜବତ କରାଯାଇଥିବା ବେଳେ ବେଆଇନ କାରବାରରେ ସମ୍ପୃକ୍ତ ଅମିତାଭ ପାଢୀଙ୍କୁ ଗିରଫ କରାଯାଇଛି। ଅମିତାଭଙ୍କର ସୋରରେ ଏକ ମେଡିସିନ ଦୋକାନ ଥିବା ବେଳେ କାବଣିଆ ଘରେ ମେଡିସିନ ମହଜୁଦ ରଖି ବେଆଇନ କାରବାର କରୁଥିଲେ। ଡ୍ରଗ୍ସ ଇନ୍ସପେକ୍ଟର ମୋନାଲିସା ମଲ୍ଲିକଙ୍କ ନେତୃତ୍ୱରେ ଏହି ଟିମ ପ୍ରଥମେ ସୋର ଦୋକାନ ଏବଂ ପରେ ଗାଁ ବାସଭବନରେ ଚଢାଉ କରି ମେଡିସିନ ଜବତ କରିଥିଲେ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

**ଖଇରା,୭ ।୩ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅନ୍ତର୍ଗତ ଭିନ୍ନକ୍ଷମ ଚିହ୍ନଟ ଶିବିର ଶନିବାର ଦିନ ଖଇରା ବ୍ଲକ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଡାକ୍ତର ମାନେ ବିଳମ୍ବରେ ପହଞ୍ଚିବା, ୨ଟା ପୂର୍ବରୁ ପରୀକ୍ଷା ବନ୍ଦକରି ପଳାଇଯିବା ତଥା ଗତବର୍ଷ ଯେଉଁମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲା ତାହା ନବୀକରଣ କରାଯାଇନଥିବାରୁ ଭତ୍ତା ମଞ୍ଜୁରୀରେ ସମସ୍ୟା ସୃଷ୍ଟି ହେବାକୁ ନେଇ ଅଧିକାଂଶ ପଞ୍ଚାୟତର ଲୋକପ୍ରତିନିଧି ମାନେ ଏହାର ପ୍ରତିବାଦ କରିଥିଲେ। ଏଥିପାଇଁ ବେଶ କିଛି ସମୟ ଧରି ହୋହାଲ୍ଲା ପାଟିତୁଣ୍ଡ ମଧ୍ୟ ଚାଲିଥିଲା। ପରେ ସେଠାରେ ଉପସ୍ଥିତ ଥିବା ବିଧାୟକ ପଦ୍ମଲୋଚନ ପଣ୍ଡା, ବିଡିଓ ନାରାୟଣ ସାହୁ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ପ୍ରମୁଖଙ୍କ ହସ୍ତକ୍ଷେପ ପରେ ମାତ୍ର ୨ଜଣ ହିତାଧିକାରୀଙ୍କ ପ୍ରମାଣପତ୍ର ନବିକରଣ କରାଯାଇଥିଲା। ସେହିଭଳି ଶନିବାର ଶିବିରକୁ କର୍ଣ୍ଣ, ନାସା ଓ ଗଳା ବିଶେଷଜ୍ଞ ଆସିନଥିବାରୁ ୨ଶହରୁ ଅଧାକ ଏହି ବର୍ଗର ରୋଗୀ ଫେରିଯିବାକୁ ବାଧ୍ୟ ହୋଇଥିଲେ। ଅନ୍ୟାନ୍ୟ ବର୍ଗରେ ୪୨୩ଜଣ ଭିନ୍ନକ୍ଷମ ଉକ୍ତ ଶିବିରରେ ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକ, ସହକାରୀ ଯନ୍ତ୍ରୀ ବିଭୁତି ଭୁଷଣ ନାୟକ, ମୁଖ୍ୟ କିରାଣୀ ବ୍ରହ୍ମାନନ୍ଦ ଦାଶ, ସିପି ଶଶିକାନ୍ତ ଦାସ, ଦ୍ରୁପଦ ନାୟକ, ଅନନ୍ତ କୁଅଁରଙ୍କ ସମେତ ଆଶା,ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ।

## ବେଆଇନ ମାଟି ଉତ୍ତୋଳନ ବେଳେ ଜେସିବି ଜବତ

**ସୋର, ୭।୩ (ସମିସ):** ଆଜି ମଧ୍ୟାହ୍ନରେ ବରଫକଳ ଛକ ନିକଟରୁ ଏକ ଜେସିବି ମେସିନକୁ ସୋର ଅତିରିକ୍ତ ତହସିଲଦାର ଜବତ କରିଛନ୍ତି। ସୂଚନା ଅନୁସାରେ ସୋର ଥାନା ବରଫକଳ ଛକ ନିକଟରେ ମାଟି ଚୋରା ଚାଲାଣ ହେଉଥିବା ଖବର ପାଇ ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ଚଢ଼ଉ କରିଥିଲେ। ଏହି ସମୟରେ ମାଟି ଚାଲାଣରେ ବ୍ୟବହୃତ ହେଉଥିବା ଟ୍ରାକ୍ଟର ଗୁଡିକ ଫେରାର ହୋଇଯାଇଥିବାବେଳେ ସେଠାରେ ନିୟୋଜିତ ଥିବା ଏକ ନମ୍ବର ବିହୀନ ଜେସିବି ମେସିନକୁ ଅତିରିକ୍ତ ତହସିଲଦାର ଶ୍ରୀ ସିଂହ ଜବତ କରିଥିଲେ। ପରେ ଜବତ ମେସିନକୁ ଖଣି ବିଭାଗକୁ ହସ୍ତାନ୍ତର କରିବା ସହିତ ତହସିଲ ପରିସରରେ ରଖାଯାଇଥିବା ଜଣାପଡିଛି।

## ପଥର ଖାଦାନରୁ ବେଆଇନ କମ୍ପ୍ରେସର ଜବତ

**ସୋର, ୭।୩ (ସମିସ):** ସୋର ଥାନା ବାଗୁଡି ପଥର ଖାଦାନରୁ ପଥର ଲୁଟ ରୋକିବାର ନା ଧରୁନି। ଗତକାଲି ରାତିରେ ମହୁମୁହାଣ ଖାଦାନର ୧ ନମ୍ବର ଏବଂ ୨ ନମ୍ବର କ୍?ାରୀ ମଝିରେ ବ୍ଲାଷ୍ଟିଂ ପାଇଁ ପ୍ରସ୍ତୁତି ହେଉଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଓ ସମ୍ବିତ କୁମାର ମଣି ଚଢ଼ାଉ କରିଥିଲେ। ଏହି ସମୟରେ ପାହାଡ ଫଟାଇବାକୁ ଥିବା ୱାଗନ ମେସିନ, କମ୍ପ୍ରେସର ଓ ଟ୍ରକକୁ ଜବତ କରିଥିଲେ।ଚଢ଼ାଉ ସମୟରେ ମାଫିଆମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ଉକ୍ତ ମେସିନକୁ ବିଭାଗ ତରଫରୁ ଜବତ କରାଯାଇଥିଲା। ତେବେ ଜବତ ମେସିନ ଓ ଗାଡି ଉପରେ ଫାଇନ ଆଦାୟ ପରେ ଏହାକୁ ଛଡାଯିବ ବୋଲି ଖଣି ବିଭାଗ ପକ୍ଷରୁ ସୁଚନା ମିଳିଛି।

## ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

**ସୋର, ୭।୩ (ସମିସ):** ସୋର ଥାନା ମୁଳିସିଂ ପଞ୍ଚାୟତ ମାଙ୍ଗେଶ୍ୱରପୁର ଗ୍ରାମରେ ହୋଇଥିବା ଏକ ଜବର ଦଖଲକୁ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏହି ଗ୍ରାମରେ ଥିବା ଏକ ସରକାରୀ ଜମିରେ କିଛି ଲୋକ ଦୀର୍ଘଦିନ ଧରି ଜବରଦଖଲ କରିଥିଲେ। ଏନେଇ ଗ୍ରାମବାସୀ ସୋର ତହସିଲରେ ଅଭିଯୋଗ କରିଥିଲେ। ଆଜି ମଧ୍ୟାହ୍ନରେ ସୋର ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ସୋର ପୁଲିସ ଓ ସୋର ଅଗ୍ନିଶମ ବିଭାଗର ସହଯୋଗରେ ଉକ୍ତ ଜବର ଦଖଲକୁ ଉଚ୍ଛେଦ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ମେଳଣ ଦେଖିବାକୁ ଯାଇଥିବା ବେଳେ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ସୋର, ୭।୩ (ସମିସ):** ସୋର ଥାନା ମାଣତ୍ରୀ ପଞ୍ଚାୟତ ଜହ୍ନିଆ ଗ୍ରାମରେ ଗତକାଲି ରାତିରେ ପରିବାର ଲୋକେ ଦହିପୁର ମେଳଣ ଦେଖିବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଘରେ କଳାକନା ବୁଲାଇ ଦେଇଛନ୍ତି। ଏହି ଗ୍ରାମର ସୁଧାକର ସାହୁଙ୍କ ପରିବାର ଲୋକେ ଗତକାଲି ନିକଟରେ ହେଉଥିବା ଦହିପୁର ମେଳଣ ଦେଖିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରର ଚାବି ଭାଙ୍ଗି ଘରେ ପଶି ନଗଦ ୨୫, ୫୦୦ ଟଙ୍କା ସହ ୪ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ଗହଣା ଚୋରି କରି ଫେରାର ହୋଇ ଯାଇଥିଲେ। ପରିବାର ଲୋକେ ରାତିରେ ମେଳଣରୁ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ପାରି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିଲା। ଆଜି ସକାଳେ ଏ ବାବଦରେ ପରିବାର ଲୋକଙ୍କ ତରଫରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଭାଲୁ ଆକ୍ରମଣରେ ଯୁବକ ଆହତ

**ନୀଳଗିରି, ୭।୩ (ସମିସ):** ଶୌଚ ହେବାକୁ ଯାଉଥିବା ଜଣେ ଯୁବକଙ୍କୁ ଭାଲୁଆକ୍ରମଣ କରିବାରୁ ଯୁବକ ଜଣକ ଗୁରୁତରହୋଇ ବାଲେଶ୍ୱର ମେଡିକାଲକଲେଜରେ ଚିକିତ୍ସିତ ହେଉଥିବା ଜଣାପଡିଛି। ନରଣପୁର ପଞ୍ଚାୟତ ଭୁଲାପଡିଆ ଗ୍ରାମର ବନମାଳୀ ସିଂଙ୍କ ପୁଅ ବୁଦ୍ଧିରାମ ସିଂ(୩୧) ନିକଟସ୍ଥ ନକୁଳକୁଅଁର ପୋଖରୀ ନିକଟସ୍ଥ ଜଙ୍ଗଲକୁ ଅନ୍ୟଜଣେ ସାଙ୍ଗଙ୍କ ସହିତ ଶୌଚହେବାକୁ ଯାଇଥିବା ବେଳେ ଶନିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ହଠାତ୍ ଏକ ଭାଲୁ କାମୁଡିଦେବା ଫଳରେ ତାଙ୍କର ଜଙ୍ଘରେ ଗଭୀର କ୍ଷତ ହୋଇଥିଲା। ଚିତ୍କାର କରିବାରୁ ସ୍ଥାନୀୟଲୋକ ଉଦ୍ଧାରକରି ପ୍ରଥମେ ନୀଳଗିରି ଏବଂ ପରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ରେଫର୍ କରାଯାଇଥିବା ସୂଚନା ମିଳିଛି।

## ନୟାପାଲି ଦୋଳ ଉତ୍ସବ ଉଦ୍ଯାପିତ

**କର୍ମର୍ଦ୍ଦା, ୭।୩ ( ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଖରିଦ ପିପଳ ପଞ୍ଚାୟତ ଅଧିନ ନୟାପାଲି ଗ୍ରାମରେ ଦୀର୍ଘ ୫ଦିନ ଧରି ଅନୁଷ୍ଠିତ ହେଉଥିବା ଦୋଳ ଉତ୍ସବ ଆଜି ଉଦଯାପିତ ହୋଇଯାଇଛି। ଉତ୍ସବ ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସହିତ ବିଭିନ୍ନ ଦେବା ଦେବୀ ଙ୍କ ମୂର୍ତ୍ତି ବେସ ମନମୁଗ୍ଧକର ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ଶହ ଶହ ଦର୍ଶକ ଙ୍କ ଖଚାଖଚ ଭିଡ଼ ଜମିଥିଲା। ଏହି ଅବସରରେ ସୁନା ଭାଉଜ, ସୁନା ଝିଅ ପ୍ରତିଯୋଗିତା ଭଳି ଆକର୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଫଳ ହୋଇଥିବା ମହିଳା ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଦୀନକୃଷ୍ଣ ପାଲା ମଣ୍ଡଳର ବାର୍ଷିକ ସମ୍ମିଳନୀ

**ରାଜଘାଟ, ୭।୩ (ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଦୋଳ ମେଳଣ ଉପଲକ୍ଷେ ଅବିଭକ୍ତ ବାଲେଶ୍ୱର ଭଦ୍ରକ ଜିଲ୍ଲାର ଉପଶାଖା ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦର ଦୀନକୃଷ୍ଣ ପାଲା ମଣ୍ଡଳ ବସ୍ତା ତରଫରୁ ୩୯ ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟଅତିଥି ଭାବରେ ଜଳେଶ୍ୱର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ସମିତିସଭ୍ୟ ଭଜହରି ପରିଡା ଉପସ୍ଥିତ ହୋଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ସୁଦର୍ଶନ ଜେନା, ଉଜ୍ଜ୍ୱଳ ଗିରି, ହିମାଂଶୁ ଜେନା, ଦୀନକୃଷ୍ଣ ମଣ୍ଡଳର ସଭାପତି ସୁରେନ୍ଦ୍ର ନାଥ ରାଉତ ପ୍ରମୁଖ ଉପସ୍ଥିତ ହୋଇ ଥିଲେ। ସମ୍ମିଳନୀରେ ୬ଟି ପାଲା ଦଳ ଅଂଶଗ୍ରହଣ କରି ପାଲା ପରିବେଷଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗାୟକ ରସ ସାଗର ଅଦୈତ୍ୟ ଦାସ, ଦ୍ୱିତୀୟ ପର୍ଯ୍ୟାୟରେ ଅଞ୍ଜଳୀ ବିଶ୍ୱାଳ, ତୃତୀୟ ପର୍ଯ୍ୟାୟରେ ହରିଶ୍ଚନ୍ଦ୍ର ସେନାପତି ଏଥିରେ ଭାଗ ନେଇଥିଲେ। ଗ୍ରାମ ମାଲିକ ହରିଶ୍ଚନ୍ଦ୍ର ବେହେରା, ଦୋଳ କମିଟି ମାଲିକ ସୁକୁମାର ଆଦେକ, ଚଉଦ ମାଦଳ କମିଟିର ମାଲିକ ବିନୋଦ ଖଟୁଆ, ବଂଶୀଧର ମୈକାପ, ବ୍ରହ୍ମାନନ୍ଦ ମୈକାପ, ବିରେନ ଗୋଚ୍ଛାୟତ, ଗୌରାଙ୍ଗ ପ୍ରମାଣିକ, ପଞ୍ଚାନନ ମୈକାପ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ଶଙ୍ଖାରୀ ରାଧା ଗୋପୀନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଚନ୍ଦନେଶ୍ୱର, ୭।୩ (ସମିସ) : ଭୋଗରାଇ ବ୍ଲକ ଅଧୀନ ଇସ୍କନ ପରିଚାଳିତ ଶଙ୍ଖାରୀ ଶ୍ରୀ ଶ୍ରୀ ରାଧା ଗୋପୀନାଥ ଜୀଉଙ୍କ ୧୯ ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉଦଘାଟିତ ହୋଇ ଯାଇଛି। ଏହି ଅବସରରେ ପ୍ରାୟ ୫ଶହରୁ ଅଧିକ ମହିଳା ଚନ୍ଦନେଶ୍ୱର ମନ୍ଦିରର ନୀଳ ପୁଷ୍କରିଣୀରୁ ପାଣି ନେଇ ଏକ କଳସ ଶୋଭାଯାତ୍ରାରେ ଯାଇଥିଲେ। ୪ ଦିନ ବ୍ୟାପୀ ହେବାକୁ ଥିବା ଏହି ଉତ୍ସବରେ ଭଜନ, କୀର୍ତ୍ତନ, ସନ୍ଧ୍ୟା ଆଳତି, ମାଙ୍ଗଳିକ ଦ୍ରବ୍ୟ, ଅଧୀବାସ, ଅଭିଷେକ, ଯଜ୍ଞ, ପ୍ରବଚନ, ମହାଆଳତି, ବିଗ୍ରହ ପ୍ରତିଷ୍ଠା, ଓଡ଼ିଶୀ ନୃତ୍ୟ ଆଦି ପରିବେଷଣ ହୋଇଥିଲା। ମନ୍ମଥ-ମନୋଜ ସ୍ମାରକୀ ପରିସରରେ ଥିବା ପୋଖରୀରେ ରାଧାଗୋପୀନାଥଙ୍କ ନୌବିହାର ଓ ମୁକ୍ତାକାଶ ରଙ୍ଗ ମଂଚରେ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମାୟାପୁରରୁ ଆସିଥିବା ଭଦ୍ରଚାରୁ ପ୍ରଭୁ, ହେମହରି ପ୍ରଭୁ, ଲାବଣ୍ୟ ଗୌର ଦାସ,ଶଙ୍ଖାରି ମନ୍ଦିରର ସଭାପତି ବ୍ରଜ ସୁନ୍ଦର ଶ୍ୟାମ ଦାସ, ଚୈତନ୍ୟ ଚରଣ ପ୍ରସାଦ ଦାସ, ବ୍ରହ୍ମ ତୀର୍ଥ ଦାସ, ପିତାମ୍ବର ଦାସ ପ୍ରମୁଖ ଯୋଗଦେଇ ସଂକୀର୍ତ୍ତନରେ ସକ୍ରିୟ ଭୂମିକା ତୁଲାଇ ଥିଲେ। ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ, ସୁଶାନ୍ତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ସୂଚନା ଥାଉକି, ଉକ୍ତ ମନ୍ଦିର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡାକ୍ତର କମଳା ଦାସ ଓ ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ କାଳିକୁମାର ଦାସ ପ୍ରତିଷ୍ଠା କରି ଇସ୍କନ ସେବକ ମାନଙ୍କୁ ଅର୍ପଣ କରିଥିଲେ।

## ୧୯୮୦ ମାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ

ଚନ୍ଦନେଶ୍ୱର, ୭।୩ (ସମିସ) : ଭୋଗରାଇର ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ ଶଙ୍ଖାରିର ୧୯୮୦ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ତାଳସାରୀ ବେଳାଭୂମିରେ ଅନୁଷ୍ଠିତ ଏହି ସମାବେଶକୁ ଜୟକୃଷ୍ଣ ଦାସ ଅଧିକାରୀ ସଂଚାଳନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ୪୬ବର୍ଷର ପୁରୁଣା ସ୍ମୃତିକୁ ପରସ୍ପର ମଧ୍ୟରେ ବଖାଣି ଥିଲେ। ପ୍ରାକ୍ତନ ଛାତ୍ର ଅମୂଲ୍ୟ କୁମାର ଗିରି ଯୋଗଦେଇ ଏଭଳି ବନ୍ଧୁ ମିଳନ ପାରିବାରିକ ସମ୍ପର୍କକୁ ଅଧିକ ଦୃଢ଼ୀଭୁତ କରିବ ବୋଲି କହିଥିଲେ। ଜୀବନ କୃଷ୍ଣ ଗିରିଙ୍କ ସ୍ୱରଚିତ କବିତା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାଧାକାନ୍ତ ଭୋଳ, ଜୀବନ ଗିରି, ବିନୋଦ ପ୍ରଧାନ, ରାମକୃଷ୍ଣ ପ୍ରଧାନ, ବଙ୍କିମ ସୁର, ଭୁଷଣ ସୁର, ସୁକାନ୍ତି ପ୍ରଧାନ, ଚନ୍ଦ୍ରାବତୀ ସାହୁ, ଆରତୀ ଦାସ, ବରୁଣ ଦାସ, ଧନଞ୍ଜୟ ଭଞ୍ଜ ପ୍ରମୁଖ ସାମିଲ ଥିଲେ। ପ୍ରଦୀପ ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରେମୁଣାରେ ପର୍ଯ୍ୟଟନ ବଳୟ ଗଠନ ପ୍ରସ୍ତୁତି

**ରେମୁଣା, ୭।୩(ସମିସ):** ରେମୁଣାର ଐତିହାସିକ, ପୌରାଣିକ ଓ କିମ୍ବଦନ୍ତୀ ଯୁକ୍ତ ବିଭିନ୍ନ ପୀଠସ୍ଥଳୀକୁ ନେଇ ଏକ ପର୍ଯ୍ୟଟନ ବଳୟ ଗଠନ ନିମନ୍ତେ ହୋଇଥିବା ପ୍ରୟାସ ଆଜି ଆଉ ଗୋଟିଏ ପାଦ ଆଗକୁ ବଢ଼ିଛି। ଆଜି ସାଂସଦ, ବିଧାୟକ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଦୀର୍ଘ ୫ ଘଂଟାରୁ ଅଧିକ ସମୟ ଧରି ରେମୁଣାର ସେହିସବୁ ପୀଠସ୍ଥଳୀ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥି ନିମନ୍ତେ ବିଭିନ୍ନ ବିଭାଗ ଦ୍ୱାରା ପ୍ରକଳ୍ପର ବ୍ୟୟ ଅଟକଳ କରାଯିବା ପରେ ଏହି ପ୍ରକଳ୍ପର ଅର୍ଥ ମଞ୍ଜୁର ପାଇଁ ପ୍ରେରିତ କରାଯିବ। ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ସିଡ଼ିଓ ସଞ୍ଜୟ କୁମାର ରାଉତ ଙ୍କ ସମେତ ଆଇଜି, ପିଡବ୍ଲ୍ୟୁଡି, ପର୍ଯ୍ୟଟନ, ବନ ବିଭାଗ, ଜଳ ସମ୍ପଦ, ଡ୍ରେନେଜ ବିଭାଗ ଅଧିକାରୀ, ରେମୁଣା ରହସିଲଦାର ଏବଂ ରେମୁଣା ବିଡିଓ ପ୍ରମୁଖ ସୋନ-ଗଙ୍ଗାହର-ବୁଢ଼ାବଳଙ୍ଗ ତିନି ନଦୀର ସଙ୍ଗମସ୍ଥଳ ତ୍ରିବେଣୀ, କ୍ଷୀରଚୋରା ଗୋପୀନାଥ ମନ୍ଦିର, ଗାର୍ଗେଶ୍ୱର ଶିବ



ମନ୍ଦିର, ସପ୍ତଶରା ନଦୀ, ରାମଚଣ୍ଡୀ ମନ୍ଦିର, ପଣ୍ଡିତ ବଳଦେବ ବିଦ୍ୟାଭୂଷଣଙ୍କ ଜନ୍ମସ୍ଥାନ, ବ୍ଲକ ପୋଖରୀ, କୁଟ ପୋଖରୀ, କନକଦୁର୍ଗା ମନ୍ଦିର, ହାତପାଦ ଥିବା ଜଗନ୍ନାଥ ମନ୍ଦିର, ଶ୍ରୀଧରସ୍ୱାମୀଙ୍କ ସ୍ମୃତି

**ପୀଠସ୍ଥଳୀ ପରିଦର୍ଶନ କଲେ ସାଂସଦ, ବିଧାୟକ ଏବଂ ଜିଲ୍ଲା ପ୍ରଶାସନିକ ଅଧିକାରୀ**

ମନ୍ଦିର, କଙ୍କାଳୀମଠ, ଦୁର୍ଗାଦେବୀ ଜଗନ୍ନାଥ ମନ୍ଦିର ଏବଂ ଭୀମେଶ୍ୱର ଶୈବପୀଠ ପ୍ରମୁଖ ପୀଠ ପରିଦର୍ଶନ କରିଥିଲେ। ପରିଦର୍ଶନ ପରେ ବାଲଗୋପାଳପୁର ସ୍ଥିତ ଇମାମି ଜଗନ୍ନାଥ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲାୟ। ସବୁ ପୀଠସ୍ଥଳୀ ଗୁଡ଼ିକୁ ସଂଯୋଗ କରାଯାଇ ଏକ ପର୍ଯ୍ୟଟନ ବଳୟ ଗଠନ କରାଯିବ। ଯାହାଦ୍ୱାରା ସାଂସ୍କୃତିକ ଐତିହ୍ୟ ବଜାୟ ରହିବା ସହିତ ପର୍ଯ୍ୟଟନ ଶିଳ୍ପର ବିକାଶ ଏବଂ ସାଂସ୍କୃତିକ ଐତିହ୍ୟକୁ ଆଗକୁ ଆଣିବାର ପ୍ରୟାସ କରାଯିବ ବୋଲି କୁହାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଦୟାନନ୍ଦ ଦାସ, ଶିଳ୍ପୀ କେଶୁ ଦାସ, ନିରଞ୍ଜନ ଗିରି, ରମାକାନ୍ତ ପଣ୍ଡା, ଜୟନ୍ତ ମଣ୍ଡଳ, ହରେକୃଷ୍ଣ ଗରି, ଗିରିଧାରୀ ଦାସ, ମୟାଧର ପ୍ରଧାନ, ସରୋଜ କୁମାର ବେହେରା, ପ୍ରମୋଦ କୁମାର ଦାସ, ଉପେନ୍ଦ୍ର ନାଥ ପୁହାଣ, ଜୟକୃଷ୍ଣ ସାହୁ, ପ୍ରଦୀପ କୁମାର ଜେନା, ଦିଲ୍ଲୀପ କୁମାର ଦେ, ଉମେଶ ଚନ୍ଦ୍ର ମଣ୍ଡଳ, ଚିତରଞ୍ଜନ ବେହେରା, ତାପସ କୁମାର ରଥ, ଭାଗବତ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଉଦ୍‌ଘାଟିତ

**ଜଳେଶ୍ୱର, ୭।୩ (ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତ ସ୍ଥିତ ସାନରାଉତପଡ଼ା ଓ ବାଗ ଗ୍ରାମ ସନ୍ନିକଟ ସୁବର୍ଣ୍ଣରେଖା ନଦୀ ପଠାରେ ଦ୍ୱିତୀୟ ବର୍ଷ ସୁବର୍ଣ୍ଣରେଖା ମହୋତ୍ସବ ଓ ୩୨ ବେଶ ଉଦଘାଟିତ ହୋଇଯାଇଛି। ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ଜଗନ୍ନାଥଙ୍କ ୩୨ ବେଶ ଆସନ୍ତା ୧୭ ତାରିଖ ଯାଏ ମହା ଆଡମ୍ବରରେ ପାଳିତ ହେଉଛି। ବସ୍ତା ଓ ଜଳେଶ୍ୱର ବ୍ଲକର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଗମନାଗମନ ସୁବିଧା ପାଇଁ ନଦୀ ଉପରେ ଏକ ସ୍ୱତନ୍ତ୍ର ଅସ୍ଥାୟୀ କାଠ ପୋଲ ମଧ୍ୟ ନିର୍ମାଣ କରା ଯାଇଛି। ପଶ୍ଚିମବଙ୍ଗ ଚନ୍ଦନନଗର ର ଆକର୍ଷଣୀୟ ସୁସଜିତ ଆଲୋକମାଳା ଓ ଭୁବନେଶ୍ୱରର ପ୍ୟାଣ୍ଡାଲ ଲୋକଙ୍କୁ ଆକର୍ଷିତ କରୁଥିବା ବେଳେ ଜଗନ୍ନାଥଙ୍କ ବତିଶ ବେଶ ଓ ବିଭିନ୍ନ ଠାକୁରଙ୍କ କୁଞ୍ଜ ବହୁତ ସୁନ୍ଦର ଭାବେ ନିର୍ମିତ ହୋଇଛି। ଶନିବାର ଅପରାହ୍ନ ରେ ପୁରୀ ଜଗନ୍ନାଥ ମନ୍ଦିରରୁ ଠାରୁ ଆଜ୍ଞାମାଳ ଆସିବା ପରେ ଏହି ୧୧ ଦିନିଆ ମେଳାର ଶୁଭାରମ୍ଭ ହୋଇଯାଇଛି। ଏହି ମହୋତ୍ସବକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଉଦଘାଟନ କରି ସ୍ଥାନୀୟ ଅଂଚଳର ସଂସ୍କୃତି ଓ ଭାଇଚାରା, ସଂପ୍ରତି ବୃଦ୍ଧି ସହିତ ବିକାଶର ସ୍ୱର ଉତଥାପନ ହୋଇଥାଏ ବୋଲି କହିଛନ୍ତି। ପୂର୍ବାହ୍ନ ୧୦ ଘଟିକା ସମୟରେ କୋଟସାହି ସରପଞ୍ଚ ମଞ୍ଜୁବାଳା ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ସୁବର୍ଣ୍ଣରେଖା ନଦୀର ଗୋବର୍ଦ୍ଧନପୁର ପଠାରୁ ପୂର୍ଣ୍ଣ କଳସ ନେଇ ମହୋତ୍ସବ ପଡିଆ ପର୍ଯ୍ୟନ୍ତ ଆସିଥିଲା। କାର୍ଯ୍ୟକ୍ରମକୁ ପ୍ରବୀର ପ୍ରଧାନ, କାଳିଚରଣ ଦାସ, ରଣଜିତ ପରିଡ଼ା, ମହେଶ୍ୱର ବଡୁ, ନଗେନ୍ଦ୍ର ଜେନା, ଅବନୀ ସାହୁ, ରାଜେନ୍ଦ୍ର ନନ୍ଦୀ, ବିଶ୍ୱଜିତ ନନ୍ଦୀ, ଅଶୋକ ମହାନ୍ତି, ବିଜୟ ମହାନ୍ତି ପ୍ରମୁଖ ବହୁ ଜନସାଧାରଣ ପରିଚାଳନା କରିଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗରେ ଜାତୀୟ କର୍ମଶାଳା

**ବାଲେଶ୍ୱର, ୭।୩ (ସମିସ)**



ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗ ପକ୍ଷରୁ 'ପାଣ୍ଡୁଲିପି ଜ୍ଞାନର ପ୍ରାସଙ୍ଗିକତା : ଆଧୁନିକ ଯୁଗରେ ପ୍ରୟୋଗ ଓ ଅଭ୍ୟାସ' ବିଷୟକ ଦୁଇଦିନିଆ ଜାତୀୟ ସେମିନାର ଓ ଗବେଷକମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ରଖିଥିଲେ। ସମ୍ମିଳନୀର ବିଷୟବସ୍ତୁ ଓ ଅତିଥି ପରିଚୟ ସଂସ୍କୃତ ବିଭାଗର ସମନ୍ୱୟକ ପ୍ରଫେସର ଦେବାଶିଷ ପାତ୍ର ପ୍ରଦାନ କରିଥିଲେ। ସଭାର ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର ସମ୍ମାନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ତାଙ୍କ ଅଧ୍ୟକ୍ଷୀୟ ଭାଷଣରେ ଭାରତୀୟ ପାରମ୍ପରିକ ଜ୍ଞାନର ସୁରକ୍ଷା, ସଂରକ୍ଷଣ ଓ ଡିଜିଟାଲ ରୂପାନ୍ତରଣରେ ପାଣ୍ଡୁଲିପି ଜ୍ଞାନର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ସେମିନାରରେ ମୁଖ୍ୟଅତିଥି ଭାବେ ମାଡ୍ରାସ ବିଶ୍ୱବିଦ୍ୟାଳୟର ପୂର୍ବତନ ସଂସ୍କୃତ ବିଭାଗ ଅଧ୍ୟକ୍ଷ ପ୍ରଫେସର ସିନିରୁଦ୍ଧ ଦାଶ ଉପସ୍ଥିତ ହୋଇ ପାଣ୍ଡୁଲିପି ଐତିହ୍ୟର ସୁରକ୍ଷା ଓ ଗବେଷଣାରେ ଏହାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ବିଶେଷ ଅତିଥି ଭାବେ ପ୍ରଖ୍ୟାତ ପାଣ୍ଡୁଲିପି ବିଶେଷଜ୍ଞ ଡ଼କ୍ଟର ମମତା ମିଶ୍ର ଆଧୁନିକ ଯୁଗରେ ପାଣ୍ଡୁଲିପି ଅଧ୍ୟୟନର ପ୍ରାୟୋଗିକ ପ୍ରାସଙ୍ଗିକତା ବିଷୟରେ ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ କୋରାପୁଟସ୍ଥ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି (ଦାୟିତ୍ୱରତ) ପ୍ରଫେସର ଏନ.ସି. ପଣ୍ଡା ଭାରତୀୟ ଜ୍ଞାନ ପରମ୍ପରାର ସୁରକ୍ଷା ଓ ପ୍ରସାରରେ ପାଣ୍ଡୁଲିପିଜ୍ଞାନର ଅପରିହାର୍ଯ୍ୟତା ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତା ଭାବେ ଭାରତୀୟ ଜ୍ଞାନ ମିଶନ, ନୂଆଦିଲ୍ଲୀର ନିର୍ଦ୍ଦେଶକ ଡ. ଅନିର୍ବାଣ ଦାଶ ପାଣ୍ଡୁଲିପି ଗବେଷଣାର ନୂତନ ଦିଗ ଓ ତାହାର ଆଧୁନିକ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେମିନାରରେ ଶ୍ରୀଲଙ୍କା, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ପୁନେ ଆଦି ସ୍ଥାନରୁ ଅନେକ ଶିକ୍ଷାବିତ୍ ଓ ଗବେଷକମାନେ ଅନଲାଇନ ମାଧ୍ୟମରେ ମଧ୍ୟ ଯୋଗଦେଇଥିଲେ। ସେମିନାରରେ ମୋଟ ୨୫ ଜଣ ଗବେଷକ ନିଜ ନିଜ ଗବେଷଣା ପ୍ରବନ୍ଧ ପାଠ କରି ପାଣ୍ଡୁଲିପି ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଡ଼କ୍ଟର କୁମାର ମିଶ୍ରଙ୍କ ନେତୃତ୍ୱରେ ଅମୃତବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ଗବେଷକମାନଙ୍କ ପାଇଁ ପାଣ୍ଡୁଲିପି ଅଧ୍ୟୟନ ଓ ପାଠସମ୍ପାଦନ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରଫେସର ସିନିରୁଦ୍ଧ ଦାଶ ଓ ଡ଼କ୍ଟର ମମତା ମିଶ୍ର ଗବେଷକମାନଙ୍କୁ ପାଣ୍ଡୁଲିପି ପଢ଼ିବା ପ୍ରଣାଳୀ, ପାଠସମ୍ପାଦନ ପଦ୍ଧତି ଓ ପାଣ୍ଡୁଲିପି ସଂରକ୍ଷଣ ବିଷୟରେ ପ୍ରାୟୋଗିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆୟୋଜନ ସଚିବ ତଥା ସହାୟକ ଅଧ୍ୟାପକ-ଅଧ୍ୟାପିକା - ଡ଼କ୍ଟର ଦେବାଶିଷ ମିଶ୍ର, ଡ. ପ୍ରୀତିରଞ୍ଜନ ମାଝୀ ଓ ଡ. ମମତା ପ୍ରଧାନଙ୍କ ନିରୀକ୍ଷଣରେ ସଫଳତାର ସହ ପରିଚାଳନା କରାଯାଇଥିଲା। ସେମିନାରର ଉଦଯାପନୀ ସଭାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଡ଼କ୍ଟର ଭାରତୀ ପାଲ, ଡ. ବିଭୂତିଭୂଷଣ ମହାପାତ୍ର (ସଂସ୍କୃତ ବିଭାଗ, ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର) ଓ ପ୍ରଫେସର ଦେବାଶିଷ ପାତ୍ର ଯୋଗଦେଇ ସେମିନାରର ଗୁରୁତ୍ୱ ଓ ଗବେଷଣାର ଭବିଷ୍ୟତ ଦିଗ ଉପରେ ମତାମତ ରଖିଥିଲେ। ଶେଷରେ ଡ଼କ୍ଟର ମମତା ପ୍ରଧାନ ସମସ୍ତ ଅତିଥି, ପ୍ରଶିକ୍ଷକ ଓ ଅଂଶଗ୍ରାହୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

